
ଧରିତ୍ରୀ
DHARITRI
May 26-June 1, 2024 ₹ 2/-
ଧରିତ୍ରୀ DHARITRI 50 Years

# ଛୁଟିଦିନ



# ଜଳ ପାଇଁ

୩
ପ୍ରଚ୍ଛଦ ପ୍ରସଙ୍ଗ

ପ୍ରଶାସନକୁ ଅପେକ୍ଷା ନ କରି ନିଜ ଅଞ୍ଚଳର ଜଳ ସମସ୍ୟାକୁ ନିଜେ ସମାଧାନ କରିବାକୁ ଚେଷ୍ଟା କରିଛନ୍ତି। କିଏ ପାନୀୟ ଜଳ ଦେଇ ଜୀବନ ବଞ୍ଚାଇଛନ୍ତି ତ କିଏ ଟାଙ୍ଗରା ଭୂଇଁକୁ ଶସ୍ୟଶ୍ୟାମଳା କରିଛନ୍ତି..

# ସ୍ୱପ୍ନରେ ଦେବଦେବୀଙ୍କୁ ଦେଖୁଥିଲେ

ଶୋଇଲାବେଳେ ସ୍ୱପ୍ନ ଦେଖିବା ସ୍ୱାଭାବିକ କଥା । କେବେକେବେ ଆମେ ଦେଖୁଥିବା ସ୍ୱପ୍ନ ସମ୍ପୂର୍ଣ୍ଣ ନିରର୍ଥକ ହୋଇଥାଏ ତ କେବେକେବେ ସେଥିରୁ ଆମକୁ କିଛି ସଙ୍କେତ ମିଳିଥାଏ । ଯେମିତିକି ସ୍ୱପ୍ନରେ ଭଗବାନଙ୍କୁ ଦେଖିବା ; ଏହା ଆମକୁ କି ସଙ୍କେତ ଦେଇଥାଏ ଜାଣନ୍ତୁ ସେ ସମ୍ପର୍କରେ...



✲ ସ୍ୱପ୍ନଶାସ୍ତ୍ର ଅନୁଯାୟୀ, ପ୍ରଭୁ ଗଣେଶଙ୍କୁ ସ୍ୱପ୍ନରେ ଦେଖିଲେ ବିପଦରୁ ମୁକ୍ତି ପାଇବାର ସୂଚନା ମିଳିଥାଏ ।

✲ ମା' ଦୁର୍ଗାଙ୍କୁ ସ୍ୱପ୍ନରେ ଦେଖିଲେ ଦୁଃଖ, ସଙ୍କଟରୁ ମୁକ୍ତି ତଥା ସୁସ୍ୱାସ୍ଥ୍ୟର ସୂଚନା ମିଳେ ।

✲ ମାତା ଲକ୍ଷ୍ମୀଙ୍କୁ ସ୍ୱପ୍ନରେ ଦେଖିଲେ ଧନ ଓ ସୁଖସମୃଦ୍ଧି ପ୍ରାପ୍ତି ହେବାର ସୂଚନା ମିଳିଥାଏ ।

✲ ମାତା ସରସ୍ୱତୀଙ୍କୁ ସ୍ୱପ୍ନରେ ଦେଖିବା ଶିକ୍ଷା କ୍ଷେତ୍ରରେ ସଫଳତା ପାଇବାର ସନ୍ଦେଶ ଦେଇଥାଏ ।

✲ ଭଗବାନ ରାମଙ୍କୁ ସ୍ୱପ୍ନରେ ଦେଖିଲେ ସତ୍‌ମାର୍ଗରେ ଚାଲିବା ଏବଂ କର୍ତ୍ତବ୍ୟକୁ ସୂଚାରୁରୂପେ ତୁଲାଇବାର ସଙ୍କେତ ମିଳିଥାଏ ।

✲ ସ୍ୱପ୍ନରେ ଶିବଲିଙ୍ଗକୁ ଦେଖିଲେ ପ୍ରଭୁଙ୍କ ଆଶୀର୍ବାଦ ଓ ଜୀବନରେ ସୁଖସମୃଦ୍ଧି ମିଳିବାର ସୂଚନା ମିଳେ ।

✲ ଭଗବାନ ବିଷ୍ଣୁଙ୍କୁ ସ୍ୱପ୍ନରେ ଦେଖିଲେ ଭାଗ୍ୟୋଦୟର ସଙ୍କେତ ମିଳେ ।

✲ ଭଗବାନ କୃଷ୍ଣଙ୍କୁ ସ୍ୱପ୍ନରେ ଦେଖିଲେ ପ୍ରେମ, ଭଲପାଇବାରେ ସଫଳତା ମିଳିଥାଏ ବୋଲି ବିଶ୍ୱାସ ରହିଛି ।

✲ ପ୍ରଭୁ ହନୁମାନଙ୍କୁ ସ୍ୱପ୍ନରେ ଦେଖିଲେ ଭୟ, କଷ୍ଟରୁ ଦୂର ତଥା ଶତ୍ରୁତାରୁ ମୁକ୍ତି ପାଇବାର ସୂଚନା ମିଳିଥାଏ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୨୭- ଜୁନ୍ ୧

**ମେଷ**
କ୍ଲାନ୍ତି ଅନୁଭବ କରିବେ, ପାରିବାରିକ ଶାନ୍ତି,ବନ୍ଧୁଙ୍କ ଭିଡ ଜମିବ, ସ୍ଥଗିତ କାର୍ଯ୍ୟାରମ୍ଭ, ପ୍ରଶାସନିକ ତତ୍ପରତା, ଯାନବାହନରେ ସମସ୍ୟା, ରଚନାତ୍ମକ କାର୍ଯ୍ୟ, ସଭାସମିତିରେ ଆଲୋଚନା, ଦୁଃସାହାସିକ କାର୍ଯ୍ୟ, ବ୍ୟବସାୟରେ ଉନ୍ନତି ।।

**ବୃଷ**
ନିରୁତ୍ସାହିତ ହେବେ, ବନ୍ଧୁବର୍ଗଙ୍କ ଆଶ୍ୱାସନା, ନିର୍ମାଣରେ ବିଳମ୍ବ, ମାନସିକ ଦୁଶ୍ଚିନ୍ତା, ଶାରୀରିକ ପୀଡା, ଶୁଭକାର୍ଯ୍ୟର ପ୍ରସ୍ତୁତି, କର୍ମକ୍ଷେତ୍ରରେ ଅସୁବିଧା, ବନ୍ଧୁଙ୍କୁ ଆପଣେଇ ନେବେ, ବସ୍ତ୍ର ଆଭୂଷଣପ୍ରାପ୍ତି, ତିର୍ଥାଟନର ସୁଯୋଗ ।।

**ମିଥୁନ**
ଶୁଭଖବର ପାଇବେ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, କାର୍ଯ୍ୟହାନୀରୁ ଅନୁତାପ, ଆର୍ଥିକ ଅନଟନ, ଦୂରଯାତ୍ରା ପାଇଁ ଅନିଚ୍ଛା, ସାଂସ୍କୃତିକ କାର୍ଯ୍ୟକ୍ରମ, ଅପ୍ରିୟସତ୍ୟ ଭାଷଣରୁ କଳହ, ଅନୁସନ୍ଧାନରେ ସଫଳତା ।।

**କର୍କଟ**
ନୂତନ କର୍ମାରମ୍ଭ, ଭ୍ରାତୃ ସମ୍ପର୍କରେ ଉନ୍ନତି, ଯାନବାହନ ନବୀକରଣ, ସଭାସମିତିକୁ ଆହ୍ୱାନ, ଅଭିଯୋଗ ଆସିପାରେ, ବନ୍ଧୁ ଭୁଲ୍ ବୁଝିପାରନ୍ତି, ସାମାଜିକ ପ୍ରତିଷ୍ଠା, ପଦସ୍ଥବ୍ୟକ୍ତିଙ୍କ ପରାମର୍ଶ ।।

**ସିଂହ**
ବିବାଦର ସମାଧାନ, ଆର୍ଥିକ ଅଭିବୃଦ୍ଧି, କର୍ମକ୍ଷେତ୍ରରେ ପ୍ରଶଂସା, ଅସ୍ଥିରତା ଦୂର ହେବ, ମିତ୍ରବନ୍ଧୁଙ୍କ ସହଯୋଗ, ଭୋଗ ବିଳାସର ପ୍ରାଚୁର୍ଯ୍ୟ, ମୂଲ୍ୟବାନ ଜିନିଷ କ୍ରୟ, କ୍ରୀଡା ଓକଳାରୁ ସମ୍ମାନ, ପାରିବାରିକ ମତାନ୍ତର, ଶିଳ୍ପବାଣିଜ୍ୟରେ ଉନ୍ନତି ।।

**କନ୍ୟା**
ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ଆନୁଷ୍ଠାନିକ କାର୍ଯ୍ୟର ପ୍ରସ୍ତୁତି, ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ, ବିବାଦୀୟ ପରିସ୍ଥିତି, ଅସୁବିଧାରେ ପଡିପାରନ୍ତି, ପରିବାରରେ ମତାନ୍ତର, ପ୍ରଶାସନିକ ତତ୍ପରତା, ଏଜେନ୍ସିପ ବଢ଼ିବ, ଯାତ୍ରାରେ ସଫଳତା, କର୍ମକ୍ଷେତ୍ରରେ ପଦୋନ୍ନତି ।।

**ତୁଳା**
ସ୍ଥଗିତ କର୍ମାରମ୍ଭ, ଅର୍ଥସଂକଟରୁ କାର୍ଯ୍ୟହାନୀ, ଦୁଶ୍ଚିନ୍ତାଗ୍ରସ୍ତ ହେବେ, ପଦାଧିକାରୀଙ୍କ ଆଶ୍ୱାସନା, କର୍ମକ୍ଷେତ୍ରରେ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି, ଶତ୍ରୁକୃତ ସମସ୍ୟା, ପ୍ରତିବନ୍ଧକ ଦୂର ହେବ, ବିବାଦୀୟ ଘଟଣାରେ ନୀରବତା ।।

**ବିଛା**
ପୂର୍ବ ସମସ୍ୟାର ସମାଧାନ, ଉପରିସ୍ଥଙ୍କ ଅନୁକମ୍ପା, ପରିସ୍ଥିତିକୁ ସଜାଡିବେ, ମୂଲ୍ୟବାନ ଦ୍ରବ୍ୟ ଲାଭ, ଧର୍ମାନୁଷ୍ଠାନରୁ ପ୍ରେରଣା, କ୍ରନିକ ରୋଗରେ ପୀଡା ବୃଦ୍ଧି, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷାଜନିତ ଯନ୍ତ୍ରଣା, ବ୍ୟବସାୟିକ ଉନ୍ନତି ।

**ଧନୁ**
ନୂତନ ପ୍ରକଳ୍ପାରମ୍ଭ, ପାରିବାରିକ ସହମତି, ବନ୍ଧୁମିଳନରୁ ଆନନ୍ଦ, ଆମୋଦପ୍ରମୋଦ, କନ୍ୟାଙ୍କ ବିବାହ ସମସ୍ୟା, ବିବାଦର ଅବସାନ, ପଡୋଶୀଙ୍କ ସହାନୁଭୂତି, ଶୁଭଖବର ପାଇବେ, ରଚନାତ୍ମକ କାର୍ଯ୍ୟାରମ୍ଭ, ଶିଳ୍ପବାଣିଜ୍ୟରେ ଉନ୍ନତି ।।

**ମକର**
ଆରୋଗ୍ୟଲାଭରୁ ଆଶ୍ୱସ୍ତି, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ବନ୍ଧୁସମ୍ପର୍କ ବଢ଼ିବ, ଆର୍ଥିକ ଅଭିବୃଦ୍ଧି, ସ୍ୱଜନ ଶତ୍ରୁତା, ଋଣ ପରିଶୋଧରୁ ଆଶ୍ୱସ୍ତି, ବିରାଧୀଙ୍କ ସକ୍ରିୟତା, ଦ୍ୱନ୍ଦ୍ୱର ଅବସାନ, ପ୍ରଶାସନିକ ତତ୍ପରତା, ସାମ୍ବାଦିକତାରୁ ଗୌରବ, କଳାକ୍ରୀଡାରୁ ସମ୍ମାନ ।।

**କୁମ୍ଭ**
ଶାରୀରିକ ସୁସ୍ଥତା, କର୍ମକ୍ଷେତ୍ରରେ ବିବାଦ, କାର୍ଯ୍ୟହାସଲରେ ବ୍ୟତିକ୍ରମ, ଦେବଦର୍ଶନର ମଉକା, ଆନୁଷ୍ଠାନିକ କାର୍ଯ୍ୟର ପ୍ରସ୍ତୁତି, ସନ୍ତାନହେତୁକ ଗୌରବ, ବକେୟା ଅର୍ଥପ୍ରାପ୍ତି, ହୋଟେଲ ରେଷ୍ଟୁରାଣ୍ଟରୁ ଲାଭ, ପ୍ରତିଯୋଗିତାରେ ସଫଳତା ।।

**ମୀନ**
ସ୍ନାୟବିକ ଦୁର୍ବଳତା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ବିଦେଶଯାତ୍ରାର ସୁଯୋଗ, ନିଷ୍ପତ୍ତିର ପରିବର୍ତ୍ତନ, ଲେଖାପଢାରୁ ଶୁଭଫଳ, ଗବେଷଣାରେ ଅଗ୍ରଗତି, ଧର୍ମକାର୍ଯ୍ୟ କରିବେ, ପ୍ରତିକୂଳ ପରିସ୍ଥିତିର ଚାପ, ବିବାଦର ଅବସାନ, ଅଭିଳାଷ ପୂରଣରୁ ଆନନ୍ଦ ।।

# ଉପକାରୀ ଅଙ୍ଗୁର

ଖରାଦିନେ ଅଙ୍ଗୁର ଖାଇଲେ ଶରୀରକୁ ଅନେକ ଉପକାର ମିଳିଥାଏ । ଯେମିତିକି ଏହା ଶରୀରରେ ଜଳୀୟ ଅଂଶକୁ ନିୟନ୍ତ୍ରଣରେ ରଖିବା ସହ ବିଭିନ୍ନ ପ୍ରକାରର ସ୍କିନ୍ ଆଲର୍ଜିରୁ ଆମକୁ ରକ୍ଷା କରିଥାଏ । କାରଣ ଖରାଦିନେ ଅନେକଙ୍କର ଆଲର୍ଜି ହୋଇ ତ୍ୱଚା କୁଣ୍ଡାଇ ହୁଏ । ଏଭଳି କ୍ଷେତ୍ରରେ ଅଙ୍ଗୁର ଖାଇଲେ ଅନେକ ସୁଫଳ ମିଳେ । ଅଙ୍ଗୁରରେ ଯେହେତୁ କିଛି ମାତ୍ରାରେ ଆଣ୍ଟିଭାଇରାଲ୍ ଗୁଣ ରହିଥାଏ, ତେଣୁ ତ୍ୱଚା ସମ୍ବନ୍ଧୀୟ ଆଲର୍ଜିକୁ ଦୂର କରିବାରେ ଏହା ବିଶେଷ ସାହାଯ୍ୟ କରିଥାଏ । ତା'ସହିତ ଏଥିରେ କାଲସିୟମ୍, ଆଇରନ୍, ମାଗନେସିୟମ୍, ପୋଟାସିୟମ୍, ସୋଡିୟମ୍ ତଥା ବିଭିନ୍ନ ପ୍ରକାରର ଭିଟାମିନ୍ସ ରହୁଥିବାରୁ ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ହୋଇଥାଏ । ଆଖିକୁ ସୁସ୍ଥ ରଖିବା, ଶରୀରରେ ସୁଗାର୍ ଲେଭଲ୍‌କୁ ନିୟନ୍ତ୍ରଣରେ ରଖିବାରେ ବି ଏହା କେତେକାଂଶରେ ସାହାଯ୍ୟ କରିଥାଏ । ତା'ଛଡ଼ା କୁହାଯାଏ, ଅଙ୍ଗୁରରେ କିଛି ମାତ୍ରାରେ ଗ୍ଲୁକୋଜ ରହୁଥିବାରୁ ଏହାକୁ ଖାଇଲେ ଶରୀରକୁ ଫ୍ରେଶ୍ ଫିଲ୍ ହୋଇଥାଏ । କେବଳ ସେତିକି ନୁହେଁ କ୍ୟାନସର୍ ସମସ୍ୟାରୁ ବି ଏହା କିଛି ମାତ୍ରାରେ ମୁକ୍ତି ଦେଇଥାଏ ବୋଲି ସୂଚନା ରହିଛି । ବିଶେଷକରି ବ୍ରେଷ୍ଟ କ୍ୟାନସର୍‌ରୁ ରକ୍ଷା ପାଇବା ପାଇଁ ଅଙ୍ଗୁର ଖାଇବା ଲାଭଦାୟକ ହୋଇଥାଏ ବୋଲି କିଛି ବିଶେଷଜ୍ଞ ମତ ଦେଇଥାନ୍ତି ।



# ପାଠକୀୟ

✲ ପିଲାର ସବୁ ଅଳିଅଝଟକୁ ସହି ତା'ରି ଭବିଷ୍ୟତ ପାଇଁ ନିଜର ସବୁ ଇଚ୍ଛାକୁ ବଳି ଦେଉଥିବା ମା'ର ଯେ କିଛି ଇଚ୍ଛା ଥାଏ ସେକଥା ବହୁତ କମ୍ ସନ୍ତାନ ଅନୁଭବ କରନ୍ତି । ହେଲେ ସେମିତି କେତେଜଣ ସୁଯୋଗ୍ୟ ସନ୍ତାନ ବି ଅଛନ୍ତି ଯେଉଁମାନେ ମା'ର ଇଚ୍ଛା ଓ ଖୁସିକୁ ପୂରଣ କରିବାରେ ସଫଳ ହୋଇପାରିଛନ୍ତି । ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମା' ଖୁସି ପାଇଁ' ଶୀର୍ଷକ ଲେଖାଟି ସତରେ ବେଶ୍ ମନଛୁଆଁ ହୋଇଥିଲା । 'କେଉଁ ଦିଗକୁ ମୁହଁ କରି ଭୋଜନ କରିବେ', 'କେଉଁ ଖାଦ୍ୟ ଖାଇବା ପରେ ପାଣି ପିଇବେ ନାହିଁ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା ।

*– ଗୌରୀମଣି ବାରିକ, ବଳଗଣ୍ଡି, ପୁରୀ*

✲ ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରେ ସ୍ଥାନିତ 'ମା' ଖୁସି ପାଇଁ' ଶୀର୍ଷକ ଆଲେଖ୍ୟଟି ବେଶ୍ ପ୍ରେରଣାଦାୟୀ ଥିଲା । 'ଅନନ୍ୟା ଅତୁଳନୀୟା ଭୁବନେଶ୍ୱରୀ' ଶୀର୍ଷକ ପାଠଟି ବି ଶିକ୍ଷଣୀୟ ହୋଇଥିଲା । ସୃଜନ ପୃଷ୍ଠାରେ ସ୍ଥାନିତ 'ମା' ଶୀର୍ଷକ ଗପଟି ବେଶ୍ ମନଛୁଆଁ ଥିଲା । ସେହିପରି ସାମ୍ବାଦିକା, ପବ୍ଲିକ ପଲିସି କନସଲଟାଣ୍ଟ ତଥା ଲେଖିକା ପଲ୍ଲବୀ ରେବାପ୍ରାଗଡ଼ାଙ୍କ ସ୍ୱତନ୍ତ୍ର ସାକ୍ଷାତ୍‌କାରଟି ବେଶ୍ ମନଛୁଆଁ ହୋଇଥିଲା ।

*– ରୂପଶ୍ରୀ ମାଝି, ସମ୍ବଲପୁର*

✲ ସିନେମା ପୃଷ୍ଠାରେ ସ୍ଥାନିତ 'ସାରାଙ୍କ ଖୁସି', 'ମନ ବଳାଇଛନ୍ତି ରଶ୍ମିକା, 'ପ୍ରଥମେ ଶାହରୁଖ ପରେ ଅନିଲ' ଓ 'ସ୍ୱେଶାଲ ପ୍ରସ୍ତୁତି' ଆଦି ପାଠଗୁଡ଼ିକ ବେଶ୍ ରୋଚକପୂର୍ଣ୍ଣ ହେବା ସହ ମନଛୁଆଁ ଲାଗୁଥିଲା । ସାହିତ୍ୟିକା ଜ୍ୟୋତ୍ସ୍ନାରାଣୀ ଭୋଇଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା ।

*– ତନ୍ମୟ ପୃଷ୍ଟି, ଢେଙ୍କାନାଳ*

✲ '୨୦ ବର୍ଷ ଧରି ବୋର୍ଡରେ ଲେଖୁଛନ୍ତି ଖବର', 'ସବୁଜ ପରିବେଶ ପାଇଁ ଚିନ୍ତା' ଆଦି ପାଠ ଦୁଇଟି ବେଶ୍ ପ୍ରେରଣାଦାୟୀ ଥିଲା । ମଡେଲ୍ ମିରର୍‌ରେ ଆଫିଆ ଖୁବ୍ ସୁନ୍ଦରୀ ଲାଗୁଥିଲେ । 'ଶାନ୍ତିପୂର୍ଣ୍ଣ ଶୈଳନିବାସ ରାଣୀକ୍ଷେତ' ସମ୍ପର୍କରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା ।

*– ରବି ସ୍ୱାଇଁ, ଯାଜପୁର*

✲ ବିବିଧା ପୃଷ୍ଠାରେ ସ୍ଥାନିତ 'ନେଲ୍‌ପଲିଶ୍‌ର କଥା' ଶୀର୍ଷକ ଆଲେଖ୍ୟରୁ ବହୁ ଅଜଣା କଥା ଜାଣିହେଲା । ସେହିପରି 'ସ୍କଲ୍ ପର୍ସ' ଶୀର୍ଷକ ପାଠଟି ବେଶ୍ ନିଆରା ଥିଲା । ଅନ୍ୟପକ୍ଷେ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'କରେଣ୍ଟ ଛଣା ପାଣି' ଶୀର୍ଷକ ଆଲେଖ୍ୟଟି ନିଆରା ଲାଗିବା ସହ ପ୍ରେରଣାଦାୟୀ ଥିଲା ।

*– ସସ୍ମିତା ସାହୁ, ରାୟଗଡ଼ା*

✲ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ '୬୯ ସନ୍ତାନର ଜନନୀ', 'ରାଜସ୍ଥାନୀ ଯୁବକଙ୍କ ରୋବୋ କନିଆ' ଏବଂ 'ଗାଲାକ୍ସି ଏକ୍‌ଲେର୍ସ' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା ।

*– ଯାଜ୍ଞସେନୀ ତ୍ରିପାଠୀ, ବ୍ରହ୍ମପୁର*

## ବିଶେଷ ଚିଠି





ମା' ଖୁସି ପାଇଁ...
ଥିଲା ଏଥରର ପ୍ରଚ୍ଛଦ,
ଲାଗୁଥିଲା ଭାରି ନିଆରା
ମନେ ଭରି ନୂଆ ଉନ୍ମାଦ ।
ତା'ସାଙ୍ଗକୁ ପୁଣି ସହର, ସୃଜନ
ସାଥୀର ପ୍ରଶ୍ନମାନ,
ଆଶ୍ଚର୍ଯ୍ୟ କରୁଥିଲା ପୁଣି
ତୁମ ବିବିଧାର ଲେଖାମାନ ।
ହେ ମୋର ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁଠୁ ଉତ୍ତମ ।

*– ରାକେଶ ସାହୁ, ରାଣୀହାଟ, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଜଳ ପାଇଁ



ଖରାଦିନ ଆସିଲେ ବଢେ ଜଳ ସମସ୍ୟା। ପିଇବା ପାଣିଠୁ ଆରମ୍ଭ କରି ଚାଷବାସ ପାଇଁ ଲୋକେ ହୁଅନ୍ତି ହନ୍ତସନ୍ତ। ଧୁ ଧୁ ଖରାରେ ବାଲ୍ଟିଏ ପାଣି ପାଇଁ ଲାଗେ ଲମ୍ବା ଲାଇନ। ଲୋକେ ପ୍ରଶାସନକୁ ଗୁହାରୀ କରନ୍ତି। ହେଲେ ଅନେକ ସମୟରେ କେହି ଶୁଣନ୍ତି ନାହିଁ ସେମାନଙ୍କ କଥା। ଫଳରେ କରମକୁ ଆଦରି ପାଣି ଲାଗି ହୁଅନ୍ତି ଡ଼ହଳ ବିକଳ। ତେବେ ଏମିତି ବି କିଛି ଲୋକ ଅଛନ୍ତି ଯେଉଁମାନେ ପ୍ରଶାସନ ପାଖରେ ଗୁହାରୀ ନ କରି ନିଜ ଅଞ୍ଚଳର ଜଳ ସମସ୍ୟାକୁ ନିଜେ ସମାଧାନ କରିବାକୁ ଚେଷ୍ଟା କରିଛନ୍ତି। ପାନୀୟ ଜଳ ଦେଇ କିଏ ଜୀବନ ବଞ୍ଚାଇଛନ୍ତି ତ କିଏ ଟାଙ୍ଗରା ଭୂଇଁକୁ ଶସ୍ୟଶ୍ୟାମଳା କରିଛନ୍ତି। ସେମିତି କେତେଜଣ ମଣିଷଙ୍କ କଥା...

## ଗାଁ ଲୋକଙ୍କୁ ପାଣି ଯୋଗାଉଛନ୍ତି ମନ୍ମଥ



ମନ୍ମଥ

କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତର ବଡ଼ପଦନା ଗାଁ। ଏହି ଗାଁରେ ରୁହନ୍ତି ପାଖାପାଖି ୨୨୦୦ ଲୋକ। ଆଉ ଏହାର ୯ନଂ ୱାର୍ଡର ଲୋକ ସଂଖ୍ୟା ପ୍ରାୟ ୫୦୦ ହେବ। ଏଠାରେ ସ୍ୱଚ୍ଛ ପାନୀୟ ଜଳ ପାଇଁ ଘରେ ଘରେ ପାଇପ ସଂଯୋଗ ହୋଇଛି ସତ; ହେଲେ ପାଣି ଆସୁନି। ଦୀର୍ଘଦିନ ହେଲା ନଳକୂପରୁ ଲୁଣି ଜଳ ଆସୁଛି, ଯାହା ପିଇବା ପାଇଁ ଯୋଗ୍ୟ ନୁହେଁ। ତେଣୁ ପିଇବା ପାଣି ପାଇଁ ଏଠାକାର ଲୋକେ ଖରାଦିନେ ଭାରି ହନ୍ତସନ୍ତ ହୁଅନ୍ତି। ମହିଳାମାନେ ପାଣି ପାଇଁ ଦୂର ସ୍ଥାନକୁ ଯିବାକୁ ବାଧ ହେଉଥିଲେ। ଏଭଳି ଜଳସଙ୍କଟକୁ ସହି ପାରି ନ ଥିଲେ ଏଠାକାର ମନ୍ମଥ ମହାରଣା ନାମକ ଜଣେ କାଠ ମିସ୍ତ୍ରୀ। ସ୍ତ୍ରୀ, ଦୁଇ ପୁଅ ଓ ଗୋଟିଏ ଝିଅକୁ ନେଇ ମନ୍ମଥଙ୍କ ସଂସାର। କାଠ କାମ କରି ଯାହା ରୋଜଗାର କରନ୍ତି ସେଥିରେ ସେ ନିଜ ପରିବାର ପ୍ରତିପୋଷଣ କରନ୍ତି। ସେ କୋଟି କୋଟି ଟଙ୍କାର ମାଲିକ ନୁହନ୍ତି ସତ। ହେଲେ ମନ ତାଙ୍କର ବହୁତ ବଡ଼। ଲୋକଙ୍କ ସମସ୍ୟା, କଷ୍ଟକୁ ସେ ଦେଖିପାରିଲେ ନାହିଁ। ନିଜ ଅଞ୍ଚଳର ଜଳସମସ୍ୟା ତାଙ୍କୁ ବ୍ୟତିବ୍ୟସ୍ତ କରି ପକାଇଲା। ତେଣୁ ନିଜସ୍ୱ ରୋଜଗାରରେ ସେ ଖୋଳାଇଲେ ଏକ କୂଅ। ସେଥିରେ ମଟର ପମ୍ପ ବସାଇଲେ। ୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ପାଞ୍ଚଟି ବଡ଼ ବଡ଼ ସିମେଣ୍ଟ ପାଣିଟାଙ୍କି ବି ତିଆରି କଲେ। ପାଣିକୁ ମୋଟର ସାହାଯ୍ୟରେ ଉଠାଇ ସେହି ସିମେଣ୍ଟ ଟାଙ୍କିରେ ରଖିଲେ। ତେବେ ସେହି ଟାଙ୍କିର ଜଳ ସେ ନିଜ ପାଇଁ ରଖି ନ ଥିଲେ ବରଂ ସେହି ଜଳକୁ ସେ ଗାଁର ମହିଳାମାନଙ୍କ ପାଇଁ ଉତ୍ସର୍ଗ କଲେ। ଗାଁ ମହିଳାମାନେ ବେଶ୍ ସୁରୁଖୁରୁରେ ସେହି ଟାଙ୍କିଗୁଡିକରୁ ଜଳ ନେଇ ନିଜ ପରିବାରର ଜଳ ସମସ୍ୟା ଦୂର କଲେ। ସ୍ଥାନୀୟ ଲକ୍ଷ୍ମୀପ୍ରିୟା ସାହୁ, ସୁଲତା ସାହୁ, ମାତାଜୀ ସାହୁ, ମମତା ସାହୁ, ସମେତ ଶତାଧିକ ମହିଳା କୁହନ୍ତି, 'ପାନୀୟ ଜଳ ପାଇଁ ଆମେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲୁ। ସରକାରଙ୍କ ନାନା ଯୋଜନା ବି ଆମ ସମସ୍ୟା ଦୂର କରିପାରି ନ ଥିଲା। ହେଲେ ମନ୍ମଥ ମହରଣାଙ୍କ ଲାଗି ଆଜି ଆମ ସମସ୍ତଙ୍କର ଜଳ ସମସ୍ୟା ଅନେକାଂଶରେ ଦୂର ହୋଇପାରିଛି। ତାଙ୍କର ଏହି ମହତ୍ କାର୍ଯ୍ୟକୁ ଯେତେ ପ୍ରଶଂସା କଲେ ବି କମ୍ ହେବ ।' ସ୍ଥାନୀୟ ରତିକାନ୍ତ ସାହୁ କହନ୍ତି, 'ମନ୍ମଥ ଆଜି ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି ।



## ନିଜସ୍ୱ ଉଦ୍ୟମରେ ଶୁଖିଲା ଜମିକୁ ଶସ୍ୟ ଶ୍ୟାମଳା କଲେ ଗ୍ରାମବାସୀ

କୋରାପୁଟ ମ୍ୟୁନିସପାଲଟି ଅନ୍ତର୍ଗତ ୧୫ ନଂ ୱାର୍ଡରେ ରହିଛି ପିଣ୍ଡିକିମାଳିଗୁଡା ଗ୍ରାମ। ଗ୍ରାମରେ ରହନ୍ତି ୩୫ ମାଳି ସଂପ୍ରଦାୟର ପରିବାର । ସେମାନଙ୍କ ଆୟର ମୁଖ୍ୟ ସ୍ରୋତ ହେଉଛି ଚାଷ । କିନ୍ତୁ ପାଣିର ଅଭାବଯୋଗୁଁ ଗ୍ରାମରେ ଥିବା ଏକ କୁଅରୁ ପାଣି କାଢି ବର୍ଷରେ ୩ ରୁ ୪ ମାସ ଫସଲ କରି ବହୁ କଷ୍ଟରେ ନିଜର ପରିବାର ପ୍ରତିପୋଷଣ କରୁଥିଲେ। ଦିନେ ଗ୍ରାମବାସୀମାନଙ୍କ ମଧ୍ୟରେ ବର୍ଷ ତମାମ କିପରି ଜମିରେ ପାଣି ମିଳିପାରିବ ସେନେଇ ଏକ ବୈଠକ ବସିଲା। ଗ୍ରାମର ଗଙ୍ଗାଧର ନାୟକ କହିଲେ – ଗାଁର ୧ କି.ମି. ଦୂରରେ ଥିବା ଦାଦିବୁଢା ପାହାଡ ନିକଟରେ ଏକ ଝରଣା ଅଛି। ତା' ପାଣିକୁ ଯଦି ଗ୍ରାମକୁ ଆଣାଯାଇପାରନ୍ତା ତେବେ ଜମିକୁ ଜଳ ସେଚନର ସମସ୍ୟା ଅନେକାଂଶରେ ସମାଧାନ ହୋଇପାରନ୍ତା। ଗ୍ରାମବାସୀମାନେ କୋରାପୁଟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ଏନେଇ କିଛି ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ। କିନ୍ତୁ ମ୍ୟୁନିସିପାଲିଟି ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। କୋରାପୁଟ ବ୍ଲକକୁ ଯାଇ ବିଡିଓଙ୍କୁ ସାକ୍ଷାତ କର ବୋଲି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ପରାମର୍ଶ ଦେଲେ। ଏହାପରେ ଗ୍ରାମବାସୀମାନେ ବ୍ଲକକୁ ଯାଇଥିଲେ। କିନ୍ତୁ ସେଠି କେହି କିଛି ଶୁଣି ନ ଥିଲେ। ଶେଷରେ ବାଧ ହୋଇ ଗ୍ରାମବାସୀମାନେ ନିଜସ୍ୱ ଉଦ୍ୟମରେ ସେହି ଝରଣାକୁ ଗ୍ରାମକୁ ଆଣିବେ ବୋଲି ନିଷ୍ପତ୍ତି ନେଲେ । ୨୦୧୬ ମସିହା ନଭେମ୍ବର ମାସରେ ପାହାଡର ଝରଣା ଜଳକୁ ନାଳ କରି ଗ୍ରାମ ମୁଣ୍ଡକୁ ଆଣିଲେ। ସେହିଠାରେ ଏକ ବିରାଟ ଖାଲ ରହିଥିବାରୁ ପାଣିକୁ ପ୍ରାୟ ୩ଶହ ମିଟର ପ୍ଲାଷ୍ଟିକ ପାଇପ ଯୋଗେ ନେଇ ଗ୍ରାମ ମଧ୍ୟରେ ଥିବା ଜମିକୁ ପାଣି ପହଞ୍ଚାଇଲେ। ଏହି ପାଇପକୁ ନେବା ପାଇଁ ତଳେ ବାଉଁଶ ଓ କାଠ ପୋତି ସାହାରା ଦେଇଥିଲେ । ଗ୍ରାମରେ ଝରଣା ପାଣି ପହଞ୍ଚିବା ପରେ ତାକୁ ଶୁଖିଲା ଜମିକୁ ମଡାଗଲା। ଏହି କାର୍ଯ୍ୟ ନିମନ୍ତେ ପ୍ରାୟ ୧ ଲକ୍ଷ ୨୦ହଜାର ଟଙ୍କା ଖର୍ଚ୍ଚ ହେବାସହ ୪ ଦିନର ପରିଶ୍ରମ ଲାଗିଥିଲା। ବର୍ତ୍ତମାନ ଏହି ପାଣି ଦ୍ୱାରା ଗ୍ରାମବାସୀମାନଙ୍କ ୧୦ ଏକର ଶୁଖିଲା ଜମିରେ ବର୍ଷସାରା ବିଭିନ୍ନ ପନିପରିବା ଚାଷ ହୋଇପାରୁଛି। ଗ୍ରାମବାସୀଙ୍କର ଆର୍ଥିକ ଅବସ୍ଥା କିଛିଟା ସୁଧୁରିଛି। ଚାଷ ବ୍ୟତିତ ଏହି ପାଣିରେ ଗ୍ରାମବାସୀ ଗାଧୋଇବା, ଲୁଗା ସଫା କରିବା, ବାସନକୁସନ ମଜାମଜୀ ବି କରୁଛନ୍ତି। ଗ୍ରାମବାସୀମାନେ ଗାଧୋଇବା ପାଣିକୁ ବି ନଷ୍ଟ ନ କରି ଜମିକୁ ମଡାଉଛନ୍ତି । ଫଳରେ ଗ୍ରାମଟି ବର୍ତ୍ତମାନ ଶସ୍ୟଶ୍ୟାମଳା ଦେଖାଯାଉଛି। ଗ୍ରାମର ରାମଚନ୍ଦ୍ର ମାଳି, ଲଇଚନ ମାଳି, ରବିନ୍ଦ୍ର ମାଳି, ପଦ୍ମନାଭ ନାୟକ, ଭାସ୍କର ନାୟକ, କବି ନାୟକ, ମଧୁ ନାୟକ, ଚୈତନ୍ୟନାୟକ ଓ ଗ୍ରାମର ମୁଖିଆ ଗଙ୍ଗାଧର ନାୟକ କୁହନ୍ତି, 'ବର୍ତ୍ତମାନ ଝରଣା ପାଣି ଯୋଗୁଁ ବର୍ଷର ପ୍ରାୟ ୧୦ ମାସ ଚାଷ ହୋଇପାରୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଯଦି ଗ୍ରାମରେ ଏକ ଜଳିବିଭାଜିକା ପ୍ରକଳ୍ପ କରାଯାଆନ୍ତା। ତା'ହେଲେ ସ୍ଥାୟୀ ଭାବେ ପାଣି ସମସ୍ୟାର ସମାଧାନ ହୋଇପାରନ୍ତା।' ସେହିପରି ଗ୍ରାମର ବିଶ୍ୱନାଥ ନାୟକ ନାମକ ଜଣେ ଚାଷୀ କୁହନ୍ତି, 'ଏବେ ଗାଁରେ ବସୁଧା ଯୋଜନା ଯୋଗୁ ପାନୀୟ ଜଳର ସମସ୍ୟା କିଛିଟା ଦୂର ହୋଇଛି। ହେଲେ ଚାଷ ପାଇଁ ଗ୍ରାମବାସୀଙ୍କ ଉଦ୍ୟମରେ ହୋଇଥିବା ଏହି ଜଳସେଚନ ପ୍ରକ୍ରିୟା ହିଁ ଭରସା ହୋଇ ରହିଛି।'





–ଶିବାନୀ ମହାନ୍ତି
ନରେଶ ପଟ୍ଟନାୟକ
ଅମିତାଭ ବେହେରା

# ଗଞ୍ଜାମର କିଆ ସମ୍ପଦ...



ଆମ ଦେଶର ଉପକୂଳବର୍ତ୍ତୀ ବିଭିନ୍ନ ଅଞ୍ଚଳରେ କିଆଗଛ ଦେଖିବାକୁ ମିଳିଥାଏ । ଓଡ଼ିଶାର ଗଞ୍ଜାମ ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ସର୍ବାଧିକ କିଆ ଜଙ୍ଗଲ ରହିଥିବାବେଳେ ଏଠାରେ କିଆଚାଷ ମଧ କରାଯାଇଥାଏ । ତେଣୁ ଏହି ଜିଲାର ଚାଷୀମାନଙ୍କ ପାଇଁ କିଆ ଏକ ସମ୍ପଦ ଭାବେ ବିବେଚିତ ହୋଇଥାଏ । କିଆଫୁଲ ଛଡ଼ା କିଆଗଛର ଅନ୍ୟାନ୍ୟ ଅଂଶକୁ ମଧ ବ୍ୟାବସାୟିକ ଭିତିରେ ଏଠାରେ ବ୍ୟବହାର କରାଯାଇଥାଏ । ଜିଲାର ଛତ୍ରପୁର, ଚିକିଟି, ରଙ୍ଗେଇ ଲୁଣ୍ଡା ବ୍ଲକ୍‌ରେ କିଆଚାଷ ବହୁଳ ଭାବେ ହେଉଥିବାବେଳେ ଖଲ୍ଲିକୋଟ, ପାତ୍ରପୁର, କନିଷି ଆଦି ବ୍ଲକରେ ଏହି ଚାଷ କରାଯାଇଥାଏ । ତେବେ କେଲୁଆପଲ୍ଲୀ, ଇନ୍ଦ୍ରାକ୍ଷୀ, ତୁଲୁ, ଚନ୍ଦନବାଡ଼ି, ଗୋଳବନ୍ଧ,ସାନପଦର, ମଣନ୍ତି, ବିଶ୍ୱନାଥପୁର, ମାର୍କଣ୍ଡେ ଆଦି ଗ୍ରାମରେ କିଆଫୁଲ ଚାଷୀଙ୍କ ଗାଁ ଭାବେ ପରିଚିତ ।

### କିଆଫୁଲରୁ ଅତର ପର୍ଯ୍ୟନ୍ତ

ଗୋଟିଏ କିଆଗଛ ହାରାହାରି ୪ରୁ ୬ମିଟର ପର୍ଯ୍ୟନ୍ତ ବଢ଼ିଥାଏ । ଇନ୍ଦ୍ରାକ୍ଷୀ ଗାଁର କିଆଫୁଲ ଚାଷୀ ଲିଙ୍ଗରାଜ ସାହୁ କୁହନ୍ତି, ଆମ ଜିଲାର ଏକାଧିକ ବ୍ଲକର ଚାଷୀଙ୍କ ପାଇଁ କିଆଫୁଲ ହେଉଛି ଭାତହାଣ୍ଡି । କିଆଗଛରେ ଏପ୍ରିଲରୁ ମେ, ଜୁଲାଇରୁ ସେପ୍ଟେମ୍ବର ଏବଂ ଡିସେମ୍ବରରୁ ଫେବୃଆରୀ ମଧ୍ୟରେ ବର୍ଷକୁ ପ୍ରାୟ ୩ଥର ଫୁଲ ଫୁଟିଥାଏ । କିଆଗଛର ବୟସ ପ୍ରାୟ ୫ରୁ ୭ବର୍ଷ ହେଲେ ସେଥିରେ କିଆଫୁଲ ଫୁଟିବା ଆରମ୍ଭ କରିଥାଏ । କୁହାଯାଏ କିଆଗଛର ବୟସ ଯେତେ ବଢିଥାଏ, ସେଥିରେ ସେତେ ଅଧିକ ସଂଖ୍ୟାରେ ଫୁଲ ଫୁଟିଥାଏ । ସେହିପରି ୧୮ରୁ ୨୦ବର୍ଷର ପୁରୁଣା କିଆଫୁଲ ଗଛରେ ପ୍ରାୟ ୪୦ଟି ଫୁଲ ଫୁଟିଥାଏ । ୩୦ରୁ ୪୦ବର୍ଷ ମଧ୍ୟରେ କିଆଗଛରେ ପ୍ରାୟ ୪୦ରୁ ୬୦ଟି ପରିମାଣରେ କିଆଫୁଲ ଫୁଟିଥାଏ । କିଆ ଗଛ ସମୁଦ୍ରକୂଳିଆ ବାଲିଆ ମାଟିରେ ବେଶ୍ ଭଲଭାବେ ବଢ଼ିଥାଏ । ଚାଷୀମାନେ ନିଜେ କିମ୍ବା କେତେକ ଏଜେଣ୍ଟ ଜରିଆରେ ଗଛରୁ କିଆଫୁଲକୁ ସଂଗ୍ରହକରି ବିକ୍ରି ପାଇଁ ଭାଟିକୁ ଆଣିଥାନ୍ତି । କିଆଫୁଲର ସତେଜତା ଏବଂ ପରିପକ୍ୱତାକୁ ନେଇ ଗୋଟିଏ ଗୋଟିଏ କିଆଫୁଲର ମୂଲ୍ୟ ପ୍ରାୟ ୧୫ଟଙ୍କାରୁ ୪୦ଟଙ୍କା ମଧ୍ୟରେ ବିକ୍ରି ହୋଇଥାଏ । ଭାଟିରେ କିଆଫୁଲର ବାହାର ପାଖୁଡ଼ା ଏବଂ ତଳ ଅଂଶକୁ ବାହାର କରାଯାଇ ଫୁଲର କେଶର ସହିତ ଲାଗିଥିବା ପାଖୁଡ଼ାକୁ ଖଣ୍ଡଖଣ୍ଡ କରି ଭାଟିରେ ବସାଯାଇଥିବା ବଡ଼ବଡ଼ ପିତଳ ବା ତମ୍ବା ହଣ୍ଡାରେ ପକାଯାଇ ଗରମ କରାଯାଏ । ଫୁଲର ଗରମ ବାଷ୍ପକୁ ପାରାଫିନ୍ ଚଳନ ମାଧ୍ୟମରେ ଚୁଙ୍ଗାଚୁଆଁ (କୁବକା) ମୁଲତାନି ମାଟି ଦେଇ ନିମ୍ନ ତାପ ପାତନ ପ୍ରଣାଳୀ ଦ୍ୱାରା (ରୁଟ) ଅତର ବାହାର କରାଯାଇଥାଏ । ପ୍ରାୟ ଏକ ହଜାର ଫୁଲରୁ ୧୫ରୁ ୨୦ ମିଲିଗ୍ରାମ ପର୍ଯ୍ୟନ୍ତ 'ର' ବାହାର କରାଯାଇଥାଏ । ଏହି ଫୁଲରୁ ସଂଗୃହୀତ ଉନ୍ନତ ମାନ ଓ ଗୁଣବତ୍ତା ସମ୍ବଳିତ ଅର୍କର ମୂଲ୍ୟ ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥାଏ । କିଆଫୁଲ ଅତର ପାଇଁ 'ର' ୧ଲିଟର ପିଛା ପ୍ରାୟ ୪ଲକ୍ଷରୁ ଅଧିକ ଟଙ୍କାରେ ବିକ୍ରି ହୋଇପାରୁଛି । ତେବେ ଅତର ଲିଟର ପିଛା ୧୦ରୁ ୧୫ ହଜାର ଟଙ୍କାରେ ବିକ୍ରି ହେଉଥିବାର କୁହାଯାଉଛି । ଅନ୍ତର୍ଜାତୀୟ ବଜାରରେ କିଆଫୁଲର ନିର୍ଯ୍ୟାସ (ଏସେନ୍ସ)ର ଯଥେଷ୍ଟ ଚାହିଦା ରହିଛି । ପ୍ରତିବର୍ଷ କିଆ ଫୁଲ ପାଇଁ ୫୦ରୁ ୬୦କୋଟି ଟଙ୍କାର କାରବାର ହୋଇଥାଏ । ବିଶେଷକରି କିଆଫୁଲର 'ର'କୁ ପାନମସଲା, ଜର୍ଦ୍ଦା, ସର୍ବତ, ମିଷ୍ଟାନ୍ନ, ଧୂପକାଠି, ଔଷଧ ଆଦି ଦ୍ରବ୍ୟରେ ମିଶାଯାଇଥାଏ । ବାହାର ରାଜ୍ୟ ଓ ବିଦେଶରାଷ୍ଟ୍ରକୁ କିଆଫୁଲ 'ର'କୁ ବିକ୍ରି କରାଯାଇ ଭଲ ଅର୍ଥ ରୋଜଗାର ହୋଇପାରୁଛି । କିଆଫୁଲ ଚାଷି ତଥା ସାମାଜିକକର୍ମୀ ନଟବର ସାହୁ କୁହନ୍ତି ଆମ ଜିଲାରେ ପ୍ରାୟ ୧୭୦ରୁ୧୮୦ଟି କିଆଫୁଲ ଭାଟି ରହିଛି । ପ୍ରାୟ୫ଲକ୍ଷ ଚାଷୀ ଉପକୃତ ହୋଇଥାନ୍ତି । ଦେଢଲକ୍ଷ ବ୍ୟବସାୟୀ ରହିଛନ୍ତି । କିଆଫୁଲ ଚାଷୀ ଅଳୁ ନାୟକ କୁହନ୍ତି, 'ବ୍ରହ୍ମପୁରଠାରେ କିଆଫୁଲ ଉଦ୍ୟୋଗ ରହିଛି । ପୂର୍ବରୁ ଫାଇଲିନ ବାତ୍ୟାରେ ଉପକୂଳବର୍ତ୍ତୀ ଗଞ୍ଜାମ ଜିଲାରେ ରହିଥିବା କିଆ ଗଛ ପ୍ରାୟ ୩୦ଭାଗ ନଷ୍ଟ ହୋଇଯାଇଥିଲା । କିନ୍ତୁ ପରେ ଏଠାରେ କିଆ ଜଙ୍ଗଲ ସୃଷ୍ଟି କରାଯିବା ଫଳରେ ଚାଷୀମାନେ ପୁଣିଥରେ ରୋଜଗାରକ୍ଷମ ହେବାରେ ଲାଗିଛନ୍ତି । ଏଠାରେ ଫୁଲର ପରୀକ୍ଷଣ ଓ ଯାବତୀୟ ଆବଶ୍ୟକତାକୁ ବିଚାରକୁ ନେଇ ବିଭିନ୍ନ ସମୟରେ ଟ୍ରେନିଂ ପ୍ରଦାନ କରାଯାଇଥାଏ । ଯାହା ଏବେ କିଛି ପରିମାଣରେ କମିଯିବାଦ୍ୱାରା ଚାଷୀଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଉଛି । ଗଞ୍ଜାମ ଜିଲାରେ କିଆଫୁଲ ଚାଷୀଙ୍କୁ ପ୍ରୋତ୍ସାହନ ଦେବାକୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟ କେତୋଟି ଗବେଷଣା ପ୍ରତିଷ୍ଠାନ ବୈଷୟିକ ସହାୟତା ପାଇଁ ନିଷ୍ପତି ନେଇଥିଲେ ମଧ ଏପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇପାରିନାହିଁ । ଯଦି ଆବଶ୍ୟକୀୟ ସରକାରୀ ପ୍ରୋତ୍ସାହନ ମିଳନ୍ତା ଚାଷୀମାନେ ବେଶ୍ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ କୁହାଯାଉଛି । ଅନ୍ୟପକ୍ଷେ କିଆଫୁଲ ଅତର ବ୍ୟବସାୟ ଛଡ଼ା ଏଠାକାର ଚାଷୀମାନେ କିଆପତରରେ ସୌଖୀନ ବ୍ୟାଗ୍, ଟୋକେଇ, ଦଉଡ଼ି ଓ ଚେୟାର୍ ଆଦି ବୁଣି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି । କହିବାକୁ ଗଲେ କିଆଚାଷ ଏଠାକାର ଚାଷୀମାନଙ୍କର ମୁଖ୍ୟ ରୋଜଗାରର ମାଧମ ।

–ବନବିହାରୀ, ସୁବାସଚନ୍ଦ୍ର ପାଢ଼ୀ









# ଫ୍ଲୋରାଲ୍ ଆଉଟ୍‌ଫିଟ୍







**ଖରାଦିନେ କୁଲ୍, କମ୍ଫର୍ଟେବଲ ଲୁକ୍ ଦିଏ ଫ୍ଲୋରାଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍; ଯାହା ଦେଖିବାକୁ ଆକର୍ଷଣୀୟ ଲାଗିବା ସହ, ପିନ୍ଧିଲେ ତାଜା ଅନୁଭବ ଦେଇଥାଏ। ଖାସ୍ କଥା ହେଉଛି ଏହି ଷ୍ଟାଇଲ୍‌ର ଆଉଟ୍‌ଫିଟ୍ ସବୁ ପ୍ରକାରର ବଡି ଟାଇପ୍‌କୁ ବି ବେଶ୍ ମାନିଥାଏ। ତା'ହେଲେ ଜାଣନ୍ତୁ ଫ୍ଲୋରାଲ୍ ଆଉଟ୍‌ଫିଟ୍‌ର କିଛି ଲାଟେଷ୍ଟ ଟ୍ରେଣ୍ଡ ସମ୍ପର୍କରେ ...**

* **ଫ୍ଲୋରାଲ୍ ଶାଢି:** ଫ୍ଲୋରାଲ୍ ପ୍ରିଣ୍ଟ ଶାଢିର ଡିମାଣ୍ଡ ପୂର୍ବରୁ ଥିଲା ଆଉ ଏବେ ବି ରହିଛି। ଏପରିକି ସେଲିବ୍ରିଟିଙ୍କ ଗହଣରେ ମଧ୍ୟ ଏହି ଶାଢିର ଖୁବ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଖରାଦିନେ କାଜୁଆଲ୍ ଆଉଟିଂ ହେଉ କିମ୍ବା ଅଫିସ୍‌କୁ ବି ଫ୍ଲୋରାଲ୍ ପ୍ରିଣ୍ଟ ଶାଢି ପିନ୍ଧିକି ଗଲେ ଫ୍ରେଶ୍ ଲୁକ୍ ମିଳିଥାଏ।

* **ଫ୍ଲୋରାଲ୍ କୁର୍ତ୍ତି:** ଫ୍ଲୋରାଲ୍ ପ୍ରିଣ୍ଟ ଥିବା କୁର୍ତ୍ତି ବି ଖୁବ୍ ସୁନ୍ଦର ଲାଗିଥାଏ। ଏହି କୁର୍ତ୍ତି ସହିତ ମ୍ୟାଚିଂ କଲର୍‌ର ପ୍ଲେନ ଲେଗିଙ୍ଗ୍ସ ପରଫେକ୍ଟ ମ୍ୟାଚ୍ କରିଥାଏ ; ଯାହାକୁ ଅଫିସ୍ ହେଉ କିମ୍ବା ସାଙ୍ଗମାନଙ୍କ ସହ ଆଉଟିଂରେ ଗଲାବେଳେ ପିନ୍ଧିଲେ ବେଶ୍ କମ୍ଫର୍ଟେବଲ୍ ଲାଗେ। ଅନ୍ୟପକ୍ଷେ ଅନାରକଲି ଷ୍ଟାଇଲ୍‌ର ଫ୍ଲୋରାଲ୍ କୁର୍ତ୍ତିକୁ ପାର୍ଟି, ଫଙ୍କଶନ୍‌କୁ ପିନ୍ଧିକି ଗଲେ ଆକର୍ଷଣୀୟ ଲୁକ୍ ମିଳିଥାଏ।

* **ଫ୍ଲୋରାଲ୍ ସରାରା ସୁଟ୍:** ଫ୍ଲୋରାଲ୍ ପ୍ରିଣ୍ଟ ଥିବା ସରାରା ସୁଟ୍ ବି ଖରାଦିନେ ରିଫ୍ରେଶିଙ୍ଗ୍ ଲୁକ୍ ଦେଇଥାଏ। ଖାସ୍‌କରି ନାଇଟ୍ ପାର୍ଟିରେ ପିନ୍ଧିଲେ କମ୍ଫର୍ଟେବଲ୍ ଲାଗିବା ସହ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ସରାରା ସୁଟ୍ ସାଙ୍ଗକୁ ପଞ୍ଜାବୀ ଜୁତି ଓ ପୋଟ୍‌ଲି ବ୍ୟାଗ୍ ଖୁବ୍ ସୁନ୍ଦର ଦେଖାଯାଇଥାଏ।

* **ଫ୍ଲୋରାଲ୍ ଫ୍ରକ୍:** ଫ୍ଲୋରାଲ୍ ପ୍ରିଣ୍ଟର ନି ଲେଙ୍ଗ୍‌ଥ ଫ୍ରକ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ଖାସ୍ କରି ଧଳା ରଙ୍ଗର ଫ୍ରକ୍ ଉପରେ ମଲ୍ଟି କଲର୍‌ର ଫ୍ଲୋରାଲ୍ ପ୍ରିଣ୍ଟ ଥିଲେ, ବହୁତ ସୁନ୍ଦର ଦେଖାଯାଇଥାଏ। ବିଶେଷକରି କକ୍‌ଟେଲ୍ ପାର୍ଟି ହେଉ କିମ୍ବା ସାଙ୍ଗମାନଙ୍କ ସହ ଇଭିନିଙ୍ଗ୍ ପାର୍ଟିରେ ଗଲାବେଳେ ଏହି ଟାଇପ୍‌ର ଫ୍ରକ୍ ପିନ୍ଧିଲେ, ଡିଫରେଣ୍ଟ ଲୁକ୍ ମିଳିଥାଏ।

* **ଫ୍ଲୋରାଲ୍ ଜିନ୍ସ:** ଜିନ୍ସର ଚାହିଦା ତ ଯୁବପିଢିଙ୍କ ଭିତରେ ସବୁବେଳେ ରହିଆସିଛି। ଖାସ୍‌କରି ଫ୍ଲୋରାଲ୍ ଜିନ୍ସର ଚାହିଦା ଆଜିକାଲି ବେଶ୍ ଦେଖିବାକୁ ମିଳୁଛି। ବିଶେଷକରି ନୀଳ ରଙ୍ଗର ଜିନ୍ସ ହେଉ କିମ୍ବା କଳା ରଙ୍ଗର ଜିନ୍ସରେ ହୋଇଥିବା ଫ୍ଲୋରାଲ୍ ପ୍ରିଣ୍ଟ ବହୁତ ସୁନ୍ଦର ଲାଗିଥାଏ। କୁହାଯାଏ, ଫ୍ଲୋରାଲ୍ ଜିନ୍ସ ସହ ମ୍ୟାଚିଂ କରି ହାଇ ହିଲ୍ ପିନ୍ଧିଲେ କୁଆଡ଼େ ମଡର୍ନ ଲୁକ୍ ମିଳିଥାଏ।

* **ଫ୍ଲୋରାଲ୍ ପ୍ୟାଣ୍ଟ:** କେବଳ ଜିନ୍ସ ନୁହେଁ, ଏବେ ମାର୍କେଟ୍‌ରେ ଅନ୍ୟ ଫ୍ୟାବ୍ରିକ୍‌ର ଫ୍ଲୋରାଲ୍ ପ୍ୟାଣ୍ଟ ବି ମିଳିଲାଣି ; ଯାହା ଦେଖିବାକୁ ଆକର୍ଷଣୀୟ ଲାଗିବା ସହ ପିନ୍ଧିବାକୁ ମଧ୍ୟ କମ୍ଫର୍ଟେବଲ୍ ହୋଇଥାଏ। ସେହିପରି ଏହା ସହିତ ମ୍ୟାଚିଂ ଟି-ଶାର୍ଟ ପିନ୍ଧିଲେ ଲୁକ୍‌କୁ ଏହା ଆକର୍ଷଣୀୟ ଓ ଷ୍ଟାଇଲିଶ୍ କରିଥାଏ।











# ଯେତେଦିନ ବଞ୍ଚିବି କବିତାରେ ବଞ୍ଚିବି

''ଓଡ଼ିଆ ଭାଷା ସାହିତ୍ୟରେ ରହିଛି ଅମୂଲ୍ୟ ସମ୍ପଦ। ଆମେ ଯେତେ ଗଭୀରକୁ ଯିବା ସେତେ ମଣିମୁକ୍ତା ପାଇବା। ସାହିତ୍ୟ ସମାଜ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସମାଜର ହିତ ପାଇଁ ସାହିତ୍ୟ ସତ୍ୟ ପଥରେ ଗଲେ ତାହା ଚିରଦିନ ଅମର ହୋଇ ରହିବ।'' ଯାହା କୁହନ୍ତି, ଓଡ଼ିଆ କାବ୍ୟ ସାହିତ୍ୟର ଜଣେ ଆଦରଣୀୟ ବ୍ୟକ୍ତିତ୍ୱ ତଥା ପ୍ରିୟତମାର କବି ଭାବେ ସୁପରିଚିତ **ଡ. ଫନୀ ମହାନ୍ତି**। 'ପ୍ରିୟତମା', 'ଅହଲ୍ୟା', 'ରୁଚିର ନଗର', 'ବିଷାଦଯୋଗ', 'ମୃଗୟା', 'ମାନଚିତ୍ର', 'କାଳସର୍ପ', 'ଚିତ୍ର ପ୍ରତିମା', 'ବିଦଗ୍ଧ ହୃଦୟ', 'ସୁନୟନା', 'ପୁଷ୍ପଧନୁ', 'ଚିତ୍ର ନାରୀ' ପରି ଅନେକ ସଫଳ କାବ୍ୟ ପୁସ୍ତକ ଓ ଅନୁବାଦ ପୁସ୍ତକ ସେ ଭେଟି ଦେଇଛନ୍ତି ଓଡ଼ିଆ କାବ୍ୟ ସାହିତ୍ୟକୁ। କବିଙ୍କର ଜନ୍ମ ୧୯୪୪ମସିହା ଜାନୁୟାରୀ ୨୫, ଖୋର୍ଦ୍ଧା ଜିଲା ଫକୀରପଡ଼ା ଗ୍ରାମରେ। ମା' ରାୟମଣୀ ମହାନ୍ତି ଓ ବାପା ଭୋଳାନାଥ ମହାନ୍ତି। ୩ ଭାଇ ଭଉଣୀରେ ସେ ଥିଲେ ମଝିଆ। ବାଲ୍ୟସ୍ମୃତିକୁ ମନେପକାଇ କବି କୁହନ୍ତି, 'ଆମର ଯୌଥ ପରିବାର ଥିଲା। କିଛି କାରଣବଶତଃ ଜମିଦାରି ଚାଲିଯିବା ପରେ ଘରେ ଘୋର ଆର୍ଥିକ ସମସ୍ୟା ଦେଖା ଗଲା। ତଥାପି ପାରସ୍ପରିକ ସ୍ନେହ ଶ୍ରଦ୍ଧା ଭିତରେ ପରିବାର ରେ ଏକତା ବୋଧ ରହିଥିଲା। ମୋ ପରିବାର ଥିଲା ବେଶ୍ ସଂସ୍କୃତି ସମ୍ପନ୍ନ, ଧାର୍ମିକ,ଜଗନ୍ନାଥପ୍ରେମୀ। ବାପା, ଜେଜେ ଉଭୟେ ଥିଲେ ବେଶ୍ ସୃଜନଶୀଳ ବ୍ୟକ୍ତି। ବହୁ ସାମାଜିକ, ସାଂସ୍କୃତିକ, ଜନହିତକର କାର୍ଯ୍ୟ କରୁଥିଲେ ; ଯାହାର ସୁପ୍ରଭାବ ଖୁବ୍ ପିଲାଦିନୁ ମୋ ଉପରେ ପଡ଼ିଥିଲା। ବାପା ଥିଲେ ପ୍ରଧାନ ଶିକ୍ଷକ। 'ସରଗଫଳ' ନାମକ ଖଣ୍ଡିଏ ଖଣ୍ଡକାବ୍ୟ ତାଙ୍କ ଦ୍ୱାରା ପ୍ରକାଶିତ। ଜେଜେ ଦୟାନିଧି ମହାନ୍ତି ଯଦିଓ କବିତା ଲେଖନ୍ତିନି, ତଥାପି ବହୁ ଶାସ୍ତ୍ର ପୁରାଣରେ ସେ ଥିଲେ ସୁଜ୍ଞାନୀ,ବିଦ୍ୱାନ। ନିତି ସଞ୍ଜରେ ଆମ ଘରେ ଆଧ୍ୟାତ୍ମିକ ଚର୍ଚ୍ଚା ହୁଏ। ରାମାୟଣ, ମହାଭାରତ,ଗୀତା,ଭାଗବତ ପାଠ କରାଯାଏ। ଗାଆଁ ସ୍କୁଲରୁ ୫ମ ଶ୍ରେଣୀ ପାସ୍ କରିବା ପରେ ମୋର ଜନ ବିଦ୍ୟାମନ୍ଦିର ଚଣାହାଟ ବିଦ୍ୟାଳୟରେ ୭ମ ଶ୍ରେଣୀରେ ନାମ ଲେଖାହେଲା। ସେଠାରେ ପଢ଼ିବା ସମୟରେ ମୋର ଭେଟ ହୋଇ ଥିଲା ବିଶିଷ୍ଟ କବି ରାଧାମୋହନ ଗଡ଼ନାୟକଙ୍କ ସହ। ସ୍କୁଲର ବାର୍ଷିକୋତ୍ସବରେ କବିଙ୍କର ଏକ କବିତା ମୁଁ ଆବୃତ୍ତି କରିଥିଲି। ଅତ୍ୟନ୍ତ ମୁଗ୍ଧହୋଇ ସେ ମୋ ପିଠି ଆଉଁଶି ଦେଇ ସେଦିନ କହିଥିଲେ, ମାଆ ସରସ୍ୱତୀଙ୍କ ଆଶିଷ ତୁମ ଉପରେ ଅଛି। ଲେଖାଲେଖି ଜାରି ରଖିବ। ତାଙ୍କର ଏହି ଶ୍ରଦ୍ଧା ଓ ସ୍ନେହାଶୀର୍ବାଦ ମୋ ଭିତରେ ସୃଜନର ବୀଜ ବୁଣି ଦେଇଥିଲା । ହେଲେ ଜୀବନ ତ ଆଉ ଆମ ମନ ମୁତାବକ ଚାଲେନାହିଁ। ହଠାତ୍ ଦୁର୍ଭାଗ୍ୟ ଆସି ପହଞ୍ଚିଲା ମୋ ଭାଗ୍ୟରେ। ମଥା ଉପରୁ ବାପାଙ୍କ ହାତ ଉଠିଗଲା। ପରେ ପରେ ସାନଭାଇ ମଧ୍ୟ ସାଥୀ ଛାଡ଼ିଲା। ଘରେ ଘୋର ଦାରିଦ୍ର୍ୟ ଅବସ୍ଥା। ସହାନୁଭୂତିର କଥା ସିନା ସମସ୍ତେ କହିଲେ, ସହଯୋଗର ଛୋଟିଆ ହାତଟିଏ କେହି ବଢ଼ାଇଲେ ନାହିଁ। ବାଧ୍ୟହୋଇ ମାମୁଘରକୁ ଚାଲି ଆସିଲି। ୧୯୫୯ ମସିହାରେ ସେଠିଠାରୁ ହିଁ ମାଟ୍ରିକ ପାସ୍ କଲି। ଘରର ଆର୍ଥିକ ପରିସ୍ଥିତି ଦେଖି ଅଜା ଚାକିରି ଖଣ୍ଡେ ଯୋଗାଡ଼ କରି କହିଲେ, ବାବାରେ ଏଥର ତୋ' ଦାୟିତ୍ୱ ତୋର। ସେତେବେଳକୁ ମୋତେ ୧୬ ବର୍ଷ ବୟସ । ଟେଲିଗ୍ରାଫ୍ ମେସେଞ୍ଜର ଚାକିରି। ପ୍ରଥମ ପୋଷ୍ଟିଂ ତାଳଚେରରେ ହେଲା। ସାଇକେଲ ଖଣ୍ଡିଏ ଧରି ପ୍ରଥମ ଦିନ ଅଫିସର ଡାକ ପିଅନଙ୍କ ସହ ତାଳଚେରର ଗଳିକନ୍ଦି ବୁଲି ଦେଖିବାକୁ ନିର୍ଦ୍ଦେଶ ଦେଲେ ପୋଷ୍ଟ ମାଷ୍ଟର। ଯେତେବେଳେ ଯାହାର ଟେଲିଗ୍ରାମ୍ ଆସିବ ତୁରନ୍ତ ତା' ପାଖରେ ହାଜିର ହେବାକୁ ପଡ଼ିବ। ଏହା ଗୁରୁତ୍ୱପୂର୍ଣ୍ଣ କାମ ସାରା ଦିନର । ପ୍ରଥମ ଦିନ ଉପାସ ଭୋକେ ବୁଲାବୁଲିରେ ସମୟ ଗଲା। ଏ କାମ ମୋ ଦ୍ୱାରା ସମ୍ଭବ ନୁହେଁ ଚିନ୍ତାକରି ଚାକିରି ଛାଡ଼ି ଚାଲି ଆସିଲି । ତା'ପରେ ମୋର ଗୋଟିଏ ନିଶା ରହିଲା କେମିତି ଉଚ୍ଚଶିକ୍ଷା ହାସଲ କରିବି। ଟ୍ୟୁଶନ ଆରମ୍ଭ କରି ବିଜେବି କଲେଜରେ ନାମ ଲେଖାଇଲି। ସେବେଠାରୁ ବହୁ ଘାତ ପ୍ରତିଘାତ ଭିତରେ ଶିକ୍ଷା ଜାରି ରଖି ବାଣୀବିହାରରୁ ଏମ୍ଏ ପାସ୍ କରିଛି। ସେଠିଠାରୁ ହିଁ ଦର୍ଶନ ଶାସ୍ତ୍ରରେ ପିଏଚ୍.ଡି. କରିଛି। ବହୁ ବେସରକାରୀ ଓ ସରକାରୀ କଲେଜରେ ଅଧ୍ୟାପକ ରହି ପିଲାଙ୍କୁ ଶିକ୍ଷାଦାନ କରିଛି। ବାଣୀବିହାରରେ ପଢ଼ିବା ସମୟରେ ହିଁ ମୋର ଭେଟ ହୁଏ ବହୁ ବିଶିଷ୍ଟ ଲେଖକଙ୍କ ସହ । ମୋର ଲେଖକୀୟ ଜୀବନରେ ବିଶିଷ୍ଟ ଔପନ୍ୟାସିକ ଓ ଲେଖକ କୃଷ୍ଣପ୍ରସାଦ ମିଶ୍ରଙ୍କର ଅନେକ ଅବଦାନ ରହିଛି। ମୁଁ ଦୁଃଖ ସାଉଣ୍ଟିଛି,ଦୃଶ୍ୟ ସାଉଣ୍ଟିଛି। ମୋ ଲେଖକୀୟ ପ୍ରେରଣା କଥା ଯଦି କହିବି ମୁଁ ଭଲପାଏ ପ୍ରକୃତିକୁ, ନଦୀ,ପାହାଡ଼,ଝରଣା,ସବୁଜ ବନାନୀର ସୌନ୍ଦର୍ଯ୍ୟ ମୋତେ ବିମୋହିତକରେ। ପଶୁପକ୍ଷୀ କୀଟପତଙ୍ଗଙ୍କର କିଚିରିମିଚିରି ଶବ୍ଦ ମୋତେ ଲେଖା ମନସ୍କ କରିଥାଏ । 'ସଂଯୋଗ' ନାମକ ଏକ ପତ୍ରିକା ପ୍ରକାଶକରି ମୁଁ ଅନେକ ନୂଆ ଲେଖକଙ୍କୁ ସୁଯୋଗ ଦେଇଥିଲି। ସ୍ତ୍ରୀ ପୁଷ୍ପା ମହାନ୍ତି ୨ପୁଅ ପ୍ରୀତମ, ପ୍ରମୀତ, ବୋହୂ ଓ ଦୁଇ ନାତିଙ୍କୁ ନେଇ ମୋର ସଂସାର। ସ୍ତ୍ରୀ ମଧ୍ୟ ଜଣେ ଲେଖିକା। ମୋର ଅନେକ ପୁସ୍ତକ ଇଂରାଜୀ,ଅସମିଆ ,ବଙ୍ଗଳା,ହିନ୍ଦୀ,ସାନ୍ତାଳୀ, ସଂସ୍କୃତ, ମିଥାଳୀ,ଗୁଜରାଟୀ,ନେପାଳୀ ଭାଷାରେ ଅନୁବାଦିତ ହୋଇଛି। ମୋ ଲେଖା ପାଇଁ ମତେ ଯେଉଁସବୁ ସ୍ୱୀକୃତି ମିଳିଛି ତା' ମଧ୍ୟରେ ସଂସ୍କୃତି ସମ୍ମାନ,ଉତ୍କଳ ସମ୍ମାନ,ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର,ବିଦ୍ୟାରତ୍ନ ସମ୍ମାନ,କବି ଜୟଦେବ ସମ୍ମାନ, ଫକୀରମୋହନ ସାହିତ୍ୟ ଶ୍ରୀ ସମ୍ମାନ, ଅଲ ଇଣ୍ଡିଆ ପୋଏଟ୍ସ ମିଟ୍, ଭୁବନେଶ୍ୱର ଓ ଚେନ୍ନାଇରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛି।

ମୁଁ ଏତିକି କହିବି କବିତା ମୋ ଜୀବନର ସବୁକିଛି। ଯେତେଦିନ ବଞ୍ଚିବି କବିତାରେ ବଞ୍ଚିବି । କବି ହୋଇ ବଞ୍ଚିବି। ପୁନଶ୍ଚ ଫେରିଆସିବି ଏଇ ମାଟି କୋଳକୁ କବିଟିଏ ହୋଇ। ନିଜେ ଲେଖିବା ସହ ଅନ୍ୟମାନଙ୍କୁ ପ୍ରେରଣା ଦେଉଥିବି।







–ପ୍ରିୟମ୍ବଦା ରଥ
ଆର୍‌କେପୁରମ, ସେକ୍ଟର– ୪, ନୂଆଦିଲ୍ଲୀ
ମୋ:୮୭୮୮୯୫୭୮୦୦



 କ୍ଷୁଦ୍ରଗଳ୍ପ

# ଖଣ୍ଡେ ପାନ

ସବୁଦିନ ଭଳି ଅଫିସରେ ବସି ସହକର୍ମୀମାନଙ୍କ ସହିତ ଗୁଲିଖଟିରେ ମାତିଥିଲେ ଦାନାପାଣି ବାବୁ। ହଠାତ ତାଙ୍କ ସମ୍ମୁଖକୁ ଆସି ନମସ୍କାର କରିଲେ ଜଣେ ସାଦାସିଧା ଦିଶୁଥିବା ଆଗନ୍ତୁକ। ''ବାବୁ, ମୋ ପଡ଼ିକାର୍ଡଟା ଏ ପର୍ଯ୍ୟନ୍ତ ହେଲାନି। ବର୍ଷେ ହେଲା ଦଉଡି ଦଉଡି ନୟାନ୍ତ ହୋଇ ପଡିଲିଣି ଆଉ କେତେ ଦଉଡିବି ? ବରଂ କିଛି ...''। ପାଖକୁ ଲାଗିଆସି କିଛି ହାତଗୁଞ୍ଜା ଦେବାକୁ ଚୁମ୍ବକରେ ଇସାରା ଦେଲେ ଆଗନ୍ତୁକ। ହେଲେ ତାଙ୍କ କଥାକୁ ହସରେ ଉଡାଇ ଦେଇ ରୋକ୍‌ଠୋକ୍ ଶୁଣେଇ ଦେଲେ ଦାନାପାଣି, ''ଆରେ ବାବୁ, ଏତେ ଲୁଚାଛପା କାହିଁକି ? ସିଧା କହୁନା ଲାଞ୍ଚ ଦେବାକୁ ଚାହୁଁଛ ତ ? ଏଠି ସେ ସବୁ ବିଲ୍‌କୁଲ୍ ଚଳେନା। ବାହାରେ ଲେଖା ହୋଇଥିବା ନୋଟିସକୁ ପଢ଼ିନ ?'' --------ଏଠାରେ ସମସ୍ତ ସେବା ନିଃଶୁଳ୍କ ଉପଲବ୍ଧ। ଲାଞ୍ଚ ଦେବା ଓ ନେବା ଆଇନତଃ ଅପରାଧ'।

ଟିକେ ଅସ୍ୱସ୍ତି ଅନୁଭବ କଲେ ବି ଲୋକଟି ନିର୍ବିକାରଭାବରେ ଉତ୍ତର ଦେଲେ,''ଆପଣ ବୋଧେ ଭୁଲ୍ ବୁଝିଲେ ଆଜ୍ଞା ; ମୋର କହିବାର



କଥା ହେଲା ଆପଣମାନେ ଆମ ପାଇଁ ଏତେ କାମ କରୁଛନ୍ତି। ଆମେ ତ ପୁଣି ଆପଣଙ୍କ ପାଇଁ କିଛି କରିବୁ ? ସେଥିପାଇଁ ସୁଯୋଗଟିଏ ଦେଲେ କ୍ଷତି କ'ଣ ? ଏ ସଂସାରଟା ପରା ଦବାନବାରେ ଚାଲିଛି !

ଏଥରକ ଦାନାପାଣିଙ୍କ ମୁହଁରେ ହସଟିଏ ଉକୁଟି ଉଠିଲା। ସମସ୍ତେ ଶୁଣିଲା ଭଳି ସ୍ୱରରେ କହିଲେ, ''ଆଚ୍ଛା, ଆଚ୍ଛା, ଯଦି ଏମିତି କଥା ତେବେ ଗେଟ୍ ପାଖରେ ଥିବା ମୂଳିଆ ପାନ ଦୋକାନରୁ ମାତ୍ର ଖଣ୍ଡିଏ ପାନ ଆଣି ଦିଅନ୍ତୁ। କେମିତିଆ ପାନ କହିବା ଦରକାର ନାହିଁ। ମୋ ନାଁ କହିଦେଲେ ସେ ଜାଣିଯିବ। ୟା ଭିତରେ ଆପଣଙ୍କର ଫାଇଲ କାଢୁଛି।'' ବାସ୍ ଏତିକି ମାତ୍ର ? ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଲୋକଟି। ''ହଁ ସେତିକି। ବେଶି ଆଣିବେନି।''

ମୂଳିଆ ପାନ ଦୋକାନକୁ ପାଇବାରେ କିଛି ଅସୁବିଧା ହେଲାନି। ତାକୁ କହିଲେ, ''ଆରେବାବୁ ଦାନାପାଣି ବାବୁଙ୍କ ପାଇଁ ଖଣ୍ଡେ ପାନ ଦେଲ।'' ଦୋକାନୀଟି ସଙ୍ଗେ ସଙ୍ଗେ ପାନ ଖଣ୍ଡେ ବଢ଼େଇ ଦେଇ କହିଲା, ''ଦିଅନ୍ତୁ ହଜାରେ ଟଙ୍କା।'' ''ହଜାରେ ? ପାନଖଣ୍ଡକ ପୁଣି ହଜାରେ ଟଙ୍କା ? ଇଏ କୋଉ ରାଇଜର କଥା ? '' ''ଏ ଦାନାପାଣି ବାବୁଙ୍କ ରାଇଜର କଥା। ଆପଣ ବୋଧେ ନୂଆ। ତେଣୁ ଜାଣି ନାହାନ୍ତି। ଦିନସାରା ତାଙ୍କ ପାଇଁ ଯେତେଖଣ୍ଡ ପାନ ଦେଇଥିବି ସଞ୍ଜବେଳକୁ ସେତିକି ହଜାରେ ସେ ମୋଠାରୁ ଗଣିନେବେ। ଆପଣଙ୍କ ଭାଗ୍ୟ ଭଲ ସେ ଆପଣକୁ ବେଶି ମାଗି ନାହାନ୍ତି।''

ହତବାକ୍ ହୋଇ ଛିଡ଼ା ହୋଇଥିଲେ ଲୋକଟି। ଭାବୁଥିଲେ ତାଙ୍କ ଭାଗ୍ୟ ନା ଦାନାପାଣିଙ୍କର କୌଶଳ, କେଉଁଟି ଭଲ ?

– ଅଲେଖ ଚନ୍ଦ୍ର ମିଶ୍ର
ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ-୪, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮



## ଜୀବନ

ହାତ ପାପୁଲିର ରେଖାରୁ ମାଗିଥିବା
ମୁଠାଏ ଆୟୁଷ,
ଦଲକାଏ ପବନରୁ ଶୋଷିଥିବା
ଚିମୁଟାଏ ନିଃଶ୍ୱାସ,
ଭାଗ୍ୟର ବିପରୀତରୁ ସାଉଁଟିଥିବା
ପଦୁଟିଏ ଆହା,
ଆଉ ଜୀବନଚକ୍ରର ନାଭିକେନ୍ଦ୍ରରୁ
ସ୍ୱେଚ୍ଛାରେ ମିଳିଥିବା
ଅପେକ୍ଷିତ ରାହା
ଏ ସବୁର ସମାହାର ତ ଜୀବନ ।
ଧା ଶବ୍ଦର ସମାହାରରେ
ଉଚ୍ଚାରିତ ମନ୍ତ୍ରଧ୍ୱନି
ସୀମାହୀନ ଚେତନାରୁ ଜାଗିଥିବା
ଅନୁତପ୍ତ ଜୀବନୀ
ପୋଡ଼ି ଯାଇଥିବା ସ୍ୱପ୍ନଗୁଡ଼ିକର ସ୍ତୁପତଳୁ
ଯୋଗାଡ଼ିଥିବା ଅନୁଭୂତି
ଆଉ ଫେରି ନ ଥିବା ଅତୀତରୁ
ମିଳିଥିବା ପରିତ୍ୟକ୍ତ ସ୍ମୃତି
ଏଇ ସବୁର ଇତିବୃତ୍ତ ହିଁ ତ ଜୀବନ।

– ଆଶୁତୋଷ ଦାଶ
ନବାଟୀ ଶାସନ, ବାଲିପାଟଣା, ଖୋର୍ଦ୍ଧା
ମୋ: ୯୪୩୭୬୨୮୨୩୩

## ପାଞ୍ଚୋଟି ଏକପଦୀ

ନୃତ୍ୟାଙ୍ଗନା ତୁମେ ସ୍ୱର୍ଗ ଅପସରି
ଆଖି କହେ ମନ କଥା
ଭାଙ୍ଗିପାର ତୁମେ ପୁରୁଷର ଦମ୍ଭ
ହୃଦୟେ ପ୍ରଣୟ ବ୍ୟଥା।

ଦୁଇ

ଏମିତି କି ମଧୁ ଭରିଛ ଗୋ ପ୍ରିୟେ
ସ୍ନିଗ୍ଧ ହସରେ ତୁମ
ମୋ ହୃଦୟେ ତୁମେ ବସା ବାନ୍ଧିଲଣି
ମାନସେ ପ୍ରୀତିର ଭ୍ରମ।

ତିନି

ଦେହ ଦେହଳୀର ଦହନକୁ ତୁମେ
କେମିତି ସହୁଛ କୁହ
ଅତନୁର ତାପ ତନୁରେ ଉତ୍ତାପ
ଥରାଏ ପ୍ରଣୟୀ ଦେହ।

ଚାରି

ଗୌରବର୍ଣ୍ଣ ଦେହ ନିନ୍ଦୁଛି ବିଦେହ
କୃଷ୍ଣ ରଙ୍ଗ ସୂକ୍ଷ୍ମ ବାସ
ସମ୍ମୋହନେ ପ୍ରୀତି କାମନାର ତାତି
ମଧୁକର ରଚେ ରାସ।

ପାଞ୍ଚ

ମୁଖମଣ୍ଡଳରେ ହସରେଖା ଟାଣି
ବାଟେ ଯାଉଥିଲା ପ୍ରୀତି
ପାଦରେ ନୂପୁର ରୁଣୁଝୁଣୁ ହୋଇ
ଗାଉଥିଲା ମଧୁ ଗୀତି।

– ଭରତ ଚନ୍ଦ୍ର ଦାଶ
ମାର୍କୋଣା, ବାଲେଶ୍ୱର
ମୋ: ୮୯୮୪୪୩୯୧୬୬

# ସଲ୍ଲୁଙ୍କ ପ୍ରଶଂସାରେ ସଞ୍ଜୟ

ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ନିର୍ଦ୍ଦେଶକ ହେଉଛନ୍ତି ସଞ୍ଜୟ ଲୀଳା ଭଁସାଲି। ତାଙ୍କ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ ହୋଇଥିଲା 'ଖାମୋସି : ଦ ମ୍ୟୁଜିକାଲ'ରୁ। ଏହାପୂର୍ବରୁ ସେ ବିଧୁ ବିନୋଦ ଚୋପ୍ରାଙ୍କ '୧୯୪୨ : ଏ ଲଭ୍ ଷ୍ଟୋରି'ର ଚିତ୍ରନାଟ୍ୟ ରଚନା କରି ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଇତିମଧ୍ୟରେ ସେ 'ହମ୍ ଦିଲ୍ ଦେ ଚୁକେ ସନମ୍', 'ଦେବଦାସ', 'ବ୍ଲାକ୍', 'ସାୱରିୟାଁ' ଏବଂ 'ପଦ୍ମାବତ୍' ଆଦି ସିନେମାର ନିର୍ଦ୍ଦେଶନା ଦେଇ ନିଜକୁ ଜଣେ ସଫଳ ନିର୍ଦ୍ଦେଶକ ଭାବରେ ପରିଚିତ କରାଇ ପାରିଛନ୍ତି। କେବଳ ସେତିକି ନୁହେଁ, ନିକଟରେ ସେ ଓଟିଟି ପ୍ଲାଟଫର୍ମରେ ମଧ୍ୟ ପାଦ ଥାପିଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ୱେବ୍ ସିରିଜ୍ 'ହୀରାମଣ୍ଡି' ବେଶ୍ ଚର୍ଚ୍ଚାରେ ରହିଛି। ଭାରତ ସ୍ୱାଧୀନତା ଲାଭ କରିବା ପୂର୍ବରୁ ଲାହୋରରେ ଥିବା ଏକ ରେଡ୍ ଲାଇଟ୍ ଏରିଆର କାହାଣୀକୁ ନେଇ ନିର୍ମିତ ଏହି ୱେବ ସିରିଜ୍‌ର ପ୍ରମୋ ସମୟରେ ସଲ୍‌ମାନ ଉପସ୍ଥିତ ଥିଲେ। ସେତେବେଳେ ସଞ୍ଜୟଙ୍କ ମୁହଁରୁ ସଲ୍ଲୁ ମିଆଁ ଓରଫ ସଲମାନ୍ ଖାଁଙ୍କ ପ୍ରଶଂସା ଶୁଣିବାକୁ ମିଳିଥିଲା। ତାଙ୍କର ଅଭିନୟ ଦକ୍ଷତାକୁ ସେ ଭୁରି ଭୁରି ପ୍ରଶଂସା କରିଥିଲେ। ଦୁହେଁ ଏକାଠି ପ୍ରମୋରେ ଥିବାରୁ ସଲ୍‌ମାନଙ୍କୁ ନେଇ ସଞ୍ଜୟ ପୂର୍ବରୁ 'ଇନ୍‌ସାଅଲ୍ଲାହ' ନାମକ ଯେଉଁ ସିନେମା ନିର୍ମାଣ କରିବାକୁ ଚାହିଁଥିଲେ, ହେଲେ କିଛି କାରଣବଶତଃ ହୋଇପାରି ନ ଥିଲା। ତାହା ଏବେ ଆରମ୍ଭ ହେବ ବୋଲି ଅନୁମାନ କରାଯାଉଛି।


ସଲମାନ
ସଞ୍ଜୟ

# ବ୍ୟସ୍ତ ଅଛନ୍ତି ଅନନ୍ୟା

ଚଙ୍କି ତନୟା ଅନନ୍ୟା ପାଣ୍ଡେଙ୍କୁ ନେଇ ଏବେ ଚର୍ଚ୍ଚା। ୟା' ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏହାର କାହାଣୀ ଯେତେବେଳେ ସେ ଶୁଣିଲେ ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ବାନ୍ଧି ବସିଛନ୍ତି। କେବଳ ସେତିକି ନୁହେଁ, ଉକ୍ତ ସିନେମାରେ ସଂଯୋଜିତ ଗୀତଗୁଡ଼ିକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ ବି କ୍ୟାନସେଲ କରିଛନ୍ତି। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡ଼ିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡ଼ିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।' ବେଶ୍ କିଛି ବର୍ଷ ହେଲା ସେ ଏକ ହିଟ୍ ଫିଲ୍ମ ସନ୍ଧାନରେ ଅଛନ୍ତି। ହେଲେ ତାହା କେବଳ ତାଙ୍କର ଆଶାରେ ହିଁ ରହିଯାଇଛି। ଅନ୍ୟପକ୍ଷରେ ନୂଆ ସିନେମାରେ ସଂଯୋଜିତ ଗୀତରେ ଅନନ୍ୟାଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।


ଅନନ୍ୟା

# କଥା ସଂଗ୍ରାମର

ଇଂରେଜମାନଙ୍କ କବଳରୁ ମାତୃଭୂମିକୁ ସ୍ୱାଧୀନ କରିବା ପାଇଁ ଦେଶପ୍ରେମୀମାନଙ୍କୁ ବର୍ଷ ବର୍ଷ ଧରି ସଂଗ୍ରାମ କରିବାକୁ ପଡ଼ିଥିଲା। ଏହି ସମୟରେ ଇଂରେଜମାନଙ୍କ ବିରୋଧରେ ଓଡ଼ିଆ ବୀର ପାଇକମାନଙ୍କ ସଂଗ୍ରାମ ଥିଲା ସ୍ୱତନ୍ତ୍ର। ତେବେ ଉକ୍ତ ସଂଗ୍ରାମରେ ମହାନ ପାଇକ ଯୋଦ୍ଧା ଜୟୀ ରାଜଗୁରୁ ଜାଳିଥିଲେ ପାଇକ ସଂଗ୍ରାମର ଆଦ୍ୟ ଅଗ୍ନିସ୍ଫୁଲିଙ୍ଗ। ଏହି ବୀର ସନ୍ତାନଙ୍କ ସଂଘର୍ଷମୟ ପାଇକ ସଂଗ୍ରାମକୁ ଆଧାର କରି ଜୟଭାରତ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି ଐତିହାସିକ ଓଡ଼ିଆ ଚଳଚ୍ଚିତ୍ର 'ଜୟୀ ରାଜଗୁରୁ'। ଖାସ୍ କଥା ହେଲା ଏହି ଫିଲ୍ମକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବାକୁ ଏହାର ପ୍ରଯୋଜକ ତଥା ନିର୍ଦ୍ଦେଶକ ଜୟ ସେନ୍‌ଙ୍କୁ ଲାଗିଥିଲା ଦୀର୍ଘ ପାଞ୍ଚ ବର୍ଷ। ଫିଲ୍ମର ଅଧିକାଂଶ ଭାଗ ଓଡ଼ିଶାର କୋରାପୁଟ, ସୁନାବେଡ଼ା ଜଙ୍ଗଲ,ଗଞ୍ଜାମ, ଖୋର୍ଦ୍ଧା, ବାଣପୁର, ପୁରୀ, କୃଷ୍ଣପ୍ରସାଦ, ବ୍ରହ୍ମଗିରି, ଚିଲିକା ଉପକୂଳ ଅଞ୍ଚଳର କେତେକ ସ୍ଥାନରେ ଶୁଟିଂ କରାଯାଇଛି। ସହଯୋଗୀ ନିର୍ଦ୍ଦେଶକ ଭାବେ ଲିଟନ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କ୍ରିଷ୍ଣା ସରୋଜ। କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ନିର୍ଦ୍ଦେଶକ ଜୟ। ଫିଲ୍ମଟିର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବିଶ୍ୱରୂପ। ଅନ୍ୟପକ୍ଷରେ ଅଶ୍ରୁମୋଚନ, ମିତା ଚକ୍ରବର୍ତ୍ତୀ, ଦେବିକା କଲ୍ୟା, ନାରାୟଣ ମାର୍ଥା, ଡ. ଭଗବାନ ତ୍ରିପାଠୀ, ସୁଦାମ ବିଶୋଇ, ଦୀପକ ରାଉତ, ଶିଶୁକଳାକାର ଭାବେ ସୃଜନୀ ପ୍ରିୟଦର୍ଶିନୀ, ଶ୍ରୁତିଯା,ସାଇରାମ,ଅନାମ ଚରଣ ନାୟକ ଆଦି କଳାକାରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ।


ଜୟ ସେନ୍

# ଅଧୁରା ରହିଲା ନିର୍ଦ୍ଦେଶନା ଆଶା

କଥାରେ ଅଛି ଆଶା ଅସୁମାରି। ବିଶ୍ୱ ସୁନ୍ଦରୀ ମୁକୁଟ ପିନ୍ଧିବା ସହ ସେ ଅନେକ ହିନ୍ଦୀ ସିନେମାରେ ଅଭିନୟ କରି ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ସେ ହେଲେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ। ତେବେ ପାଠ ପଢ଼ା ଶେଷ ହେବା ପରେ ମଡେଲିଂ କିମ୍ବା ଆକ୍ଟିଂ ତାଙ୍କର ପ୍ରଥର ଚଏସ୍ ନ ଥିଲା। ମେଡିସିନ୍ ଲାଇନ୍‌ରେ ସେ କ୍ୟାରିୟର କରିବାକୁ ଚାହୁଁଥିଲେ। ଏହା ସହ ତାଙ୍କର ଆଉ ଏକ ଆଶା ଥିଲା। ତାହା ହେଉଛି ବଡ ପରଦାରେ ନିର୍ଦ୍ଦେଶିକା ହେବା। କିନ୍ତୁ ସେ ଆଶା ତାଙ୍କର ସଫଳ ହୋଇପାରି ନ ଥିଲା। ଏ ନେଇ ସେ କହନ୍ତି, 'ଥରେ ମୋର ଜଣେ ସାଙ୍ଗ ମୋତେ କହିଲା ଯେ, ତୁମେ କାହିଁକି ଫିଲ୍ମଟିଏ ପ୍ରଯୋଜନା କରୁନା କି ନିର୍ଦ୍ଦେଶନା ଦେଉନା। ହେଲେ ତାହା ଫଳପ୍ରସୂ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ମୁଁ ଆକ୍ଟିଂକୁ କ୍ୟାରିୟର କରିବାକୁ ସ୍ଥିର କରିଥିଲି।'


ଐଶ୍ୱର୍ଯ୍ୟା

# ଭାଗ୍ୟବତୀ ଭୂମି

ଭୂମି ପେଦନେକରଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଶେଷରେ ଏହି ଅଫରକୁ ସେ ଗ୍ରୀନ୍ ସିଗନାଲ ଦେଖାଇଛନ୍ତି। କେବଳ ସେତିକି ନୁହେଁ, ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଦୁଇଟି ସିନେମାରେ ମଧ୍ୟ ସେ ନାୟିକା ସାଜିବେ। ଏପରି ହ୍ୟାଟ୍ରିକ୍ ଚାନ୍ସ ସମ୍ପର୍କରେ ସେ କହନ୍ତି, 'ଯଦିଓ ଏହା ଏକ ନୂଆ ବ୍ୟାନର, ହେଲେ ପ୍ରଯୋଜକ ଚୟନ କରିଥିବା କାହାଣୀଗୁଡ଼ିକ ମୋତେ ବେଶ୍ ପ୍ରଭାବିତ କରିଛି। ତା'ସହ ସେଗୁଡ଼ିକରେ ମୋ ଭୂମିକା କୌଣସି ଗୁଣରେ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ଗ୍ରହଣ କରିଛି। ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ। ତେବେ ଭୂମି ସାଇନ୍ କରିଥିବା ତିନୋଟି ଫିଲ୍ମ ତାଙ୍କ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।


ଭୂମି

# ଅବସର ମିଳିଲେ...

ଜ୍ୟାକଲିନ୍ ଫର୍ନାଡିସ୍‌ଙ୍କୁ ଯେତେବେଳେ ଅବସର ମିଳେ ସେତେବେଳେ ସେ କ'ଣ କରନ୍ତି ? ନିଶ୍ଚୟ ପରିବାର ସଦସ୍ୟଙ୍କ ସହ ସମୟ କଟାଉଥିବେ, ନ ହେଲେ ଶପିଂ କରୁଥିବେ କିମ୍ବା ସାଙ୍ଗମାନଙ୍କ ସହ ଖଟିରେ ବ୍ୟସ୍ତ ଥିବେ। ହେଲେ ଅସଲ କଥା ସେଇଆ ନୁହେଁ। ଅବସର ମିଳିବା ମାତ୍ରେ ସେ ଯାଆନ୍ତି ତାଙ୍କର ମିନି ଚିଡ଼ିଆଖାନାକୁ। ସେଠାରେ ସେ ବିଭିନ୍ନ ପ୍ରକାର ପଶୁପକ୍ଷୀ ପାଳିଛନ୍ତି। ଏ ନେଇ ଜ୍ୟାକଲିନ୍ କହନ୍ତି, 'ପଶୁପକ୍ଷୀ ସହ ମୁଁ ପିଲାଟି ଦିନରୁ ଜଡ଼ିତ। ଥରେ ଏମାନଙ୍କର ସୁରକ୍ଷା ପାଇଁ ଏକ ଆଲୋଚନାରେ ମୁଁ ଅଂଶଗ୍ରହଣ କରିଥିଲି। ସେବେଠାରୁ ଏଭଳି କାର୍ଯ୍ୟରେ ମୁଁ ନିଜକୁ ନିୟୋଜିତ ରଖିଛି। ଘରେ କିଛି ପଶୁପକ୍ଷୀ ପାଳି ସେମାନଙ୍କର ଯତ୍ନ ନେଉଛି। ସେମାନଙ୍କ ସହ ମିଶିଲେ ମୋତେ ଯେଉଁ ଖୁସି ଲାଗେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ।' ଜ୍ୟାକଲିନ୍ ଯେତେବେଳେ ମିସ୍ ଶ୍ରୀଲଙ୍କା ଟାଇଟଲ ଜିତିଥିଲେ ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ ବୟସ ହୋଇଥିଲା। ପ୍ରଥମେ ସେ ମଡେଲିଂ ଲକ୍ଷ୍ୟ ନେଇ ମୁମ୍ବାଇ ଆସିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ସୁଜୟ ଘୋଷଙ୍କ ନିର୍ଦ୍ଦେଶିତ 'ଆଲ୍ଲାଦିନ'।

# ଚନ୍ଦୁ ଚାମ୍ପିଅନ

ପାରାଅଲମ୍ପିକରେ ସ୍ୱର୍ଣ୍ଣ ପଦକ ବିଜେତା ମୁରଲୀ ପେଟକରଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି 'ଚନ୍ଦୁ ଚାମ୍ପିଅନ'। ଫିଲ୍ମଟି ଚଳିତ ମାସ ୪ରେ ପରଦା ଉପରକୁ ଆସୁଛି। ଖାସ୍ କଥା ହେଲା, ଏଥିରେ କାର୍ତ୍ତିକ ଆର୍ଯ୍ୟନଙ୍କୁ ଭିନ୍ନ ଗେଟଅପ୍‌ରେ ଦେଖିବାକୁ ମିଳିବ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ସାଜିଦ ନାଦିଆଦୱାଲା। ନିର୍ଦ୍ଦେଶନା ଦେଇଛନ୍ତି 'ବଜରଙ୍ଗୀ ଭାଇଜାନ' ଫେମ୍ କବୀର ଖାଁ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ଦେଖିବାକୁ ବାକି ରହିଲା।


ଜ୍ୟାକଲିନ୍

ପ୍ରଥମ ରୋଜଗାର

# ବୋଉ ନିର୍ଦ୍ଦେଶରେ ଶାଢ଼ି କିଣିଥିଲି



କଥାକାର **ତନ୍ମୟୀ ପଣ୍ଡା**
ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଯୁକ୍ତ ତିନି ବିଜ୍ଞାନ ଶେଷବର୍ଷ ପରୀକ୍ଷାର ଶେଷ ପେପର ଥାଏ ଗଣିତ। ପରୀକ୍ଷା ଶେଷଦିନର ଅନୁଭବ ପ୍ରତି ପରୀକ୍ଷାର୍ଥୀଙ୍କ ପାଇଁ ଥାଏ ଯେମିତି ନିଆରା ସେମିତି ରୋମାଞ୍ଚକର। କାରଣ ଏହା ପରଠୁ ଆରମ୍ଭ ହୁଏ ପ୍ରକୃତ ଭବିଷ୍ୟତ ଚିନ୍ତା। ଯେଉଁ ଚିନ୍ତା ମୋର ବି ଥିଲା। ସାଙ୍ଗମାନଙ୍କୁ ଛାଡ଼ି ହଷ୍ଟେଲ ଛାଡ଼ିବାର ଦୁଃଖ ଯେତିକି କଷ୍ଟ ଦେଉଥିଲା ଆଗକୁ କ'ଣ କରିବି ସେ ନେଇ ବି ଦ୍ୱନ୍ଦ୍ୱ ବଢୁଥିଲା। ହଠାତ୍ ଖବର ପାଇଲି, କଲେଜ ଅଧ୍ୟକ୍ଷା ମୋତେ ଖୋଜୁଛନ୍ତି ବୋଲି। ପ୍ରଥମେ ଆଶ୍ଚର୍ଯ୍ୟ ହେଲି। ମନରେ ଶଙ୍କା ନେଇ ପହଞ୍ଚେ ତ ଜାଣିବାକୁ ପାଇଲି, ଅତିଥି ଶିକ୍ଷକ ହିସାବରେ କମ୍ପ୍ୟୁଟର ପଢ଼ାଇବାକୁ ସେମାନେ ମୋତେ ଚାହୁଁଛନ୍ତି। ଯେଉଁ ଅନୁଷ୍ଠାନରେ ପଢୁଥିଲି ଆଜି ସେଠାରେ ପଢାଇବାର ସୁଯୋଗ ମିଳୁଥିବାରୁ କ'ଣ ନିଷ୍ପତ୍ତି ନେବି ଭାବୁଥିଲି। ଏଣେ ଅଧ୍ୟକ୍ଷା ମାମ୍‌ଙ୍କ ଭଲପାଇବା ସହ ଆଦେଶ ମିଶ୍ରିତ ଆଗ୍ରହ। ଏସବୁକୁ ଅଗ୍ରାହ୍ୟ କରିବା ମୋ ପାଇଁ ସମ୍ଭବ ନଥିଲା। ମୁଁ ମଥାନତ କରି ହଁ ଭରିଲି। ପଢ଼ିବା ଆଉ ପଢ଼ାଇବା ଭିନ୍ନ ଭିନ୍ନ କଥା। ବାପା କହିଥିଲେ ପ୍ରତି ଆରମ୍ଭ ଏହିପରି ଅଚାନକ ହୁଏ। ଏଥିରେ ଉତ୍ସାହିତ ହେବା ମଙ୍ଗଳ। ଦିନକୁ ଦୁଇଟି କ୍ଲାସ। ବିଭିନ୍ନ ବର୍ଗର ମହିଳାମାନଙ୍କୁ ପଢ଼ାଇବାକୁ ହେବ ନିୟମିତ। ପୁଣି ଶାଢ଼ି ପିନ୍ଧି। ଶାଢ଼ି ! ଯଦିଓ ଶାଢ଼ି ମୋର ଦୁର୍ବଳତା। ତେବେ ପୂର୍ବରୁ ଶାଢ଼ି ପିନ୍ଧିବାର ସାହାସ ମୁଁ କେବେ କରିନି। ମୋତେ ଲାଗେ ଶାଢ଼ି ପିନ୍ଧିବାର ବୟସ କି ସମୟ ସେଯାଏଁ ମୋର ହୋଇନି। ମୋ ବୋଉ ଜଣେ ଶିକ୍ଷୟିତ୍ରୀ। ସିଏ ମୋତେ ଏଥିରୁ ଉଦ୍ଧାର କଲା। ତା' ନିଜର ଭଲ ଶାଢ଼ି କିଛି ପଠାଇଲା। କେମିତି ପିନ୍ଧିବାକୁ ହୁଏ ସେହି କୌଶଳ କିନ୍ତୁ ମୋତେ ହଷ୍ଟେଲରେ କେହି ଶିଖାଇ ପାରି ନଥିଲେ। ପ୍ରଥମ ଦିନ ଯେନତେନ ଶାଢ଼ି ଗୁଡ଼ା ଓ ମୋ ଅସହାୟତା ଦେଖି, ପରିଚାଳନା ବୋର୍ଡ ନିଷ୍ପତ୍ତି ବଦଳାଇଲା। ମୁଁ ତା'ପରଠୁ ନିଜ ଡ୍ରେସ ପିନ୍ଧିବାର ଅନୁମତି ପାଇଲି। ମୋଦେଇ ଶାଢ଼ି ପିନ୍ଧା ନ ହୋଇଲା। କେମିତି ପଢ଼ାଉଥିଲି ଜାଣିନି। ତେବେ ଠିକ୍ ମାସ ପୁରୁଣୁ ମୋ' ହାତରେ ଥିଲା ଦୁଇହଜାର ଟଙ୍କାର ଏକ ଲଫାପା। ମୋ' ପ୍ରଥମ ପରିଚୟ, ପ୍ରଥମ ରୋଜଗାର। ଦୁଇହଜାର ମୋ ପାଇଁ ଏତେ ଥିଲା ଯେ, ଯେମିତି ସେଥିରେ ମୋ' ସବୁଯାକ ସ୍ୱପ୍ନ ପୂରଣ ହୋଇଯିବ। ପୁଲକଟି ସେହିପରି। କାରଣ ସେଇବେଳେ ମୋ' ସମାସ୍କନ୍ଧମାନେ ଭବିଷ୍ୟତ ଚିନ୍ତାରେ ଥିଲାବେଳେ, ମୁଁ ନିଜକୁ ଦକ୍ଷ ଭାବିନେଲି। ଅନେକଥର ଟଙ୍କାଗୁଡ଼ିକୁ ଲଫାପା ଭିତରୁ କାଢ଼ି ଦେଖିବା, ଧରିବା, ସଭିଙ୍କ ଅଲକ୍ଷ୍ୟରେ ଗେହ୍ଲା କରିବା ପୁଣି ତାକୁ ଯତ୍ନରେ ଲଫାପା ଭିତରେ ଥୋଇବା ଇତ୍ୟାଦି ମୋତେ ଏକ ଭିନ୍ନ ଦୁନିଆକୁ ନେଇଯାଇଥିଲା। ଚିନ୍ତା କରିଥିଲି, ସେଥିରୁ ହଜାରେ ବୋଉକୁ ଆଉ ବାକି ହଜାରେ ବାପାଙ୍କ ହାତରେ ଧରାଇବି। ବୋଉ କିନ୍ତୁ ନିର୍ଦ୍ଦେଶ ଦେଲା, "ଯା, ଭଲ ଶାଢ଼ିଟିଏ କିଣିବୁ ସେଥିରେ" ହଷ୍ଟେଲ ସାଙ୍ଗମାନଙ୍କୁ ସାଥିରେ ଧରି ଶାଢ଼ି କିଣିବାର ଅନୁଭବ ଓ ସେମାନଙ୍କୁ ବାଟରେ ଜଳଖିଆ ଖୁଆଇବାର ଖୁସି ଇତ୍ୟାଦି ଆଉ ଏକ ପୁଲକ। ସବୁଠାରୁ ବଡ଼ କଥା ମୁଁ ନିଜ ରୋଜଗାରରେ କିଣିଥିବା ଶାଢ଼ିଟିକୁ ପ୍ରଥମ ଚେଷ୍ଟାରେ ପିନ୍ଧି ପାରିଥିଲି। ମାତ୍ର ମାସଟିଏ ପରେ ମୋ ଶାଢ଼ି ଅବତାର ଦେଖି ପରିଚାଳନା ବୋର୍ଡ ଚକିତ ହୁଅନ୍ତା ନାହିଁ ତ ଆଉ କ'ଣ ?

# ମନରେ ଥରେ ମିଶିଲେ ମନ, ଜଣାପଡ଼େ ନାହିଁ ରାତି କି ଦିନ



ସାଥୀ

**ପ୍ରଶ୍ନ–** ଜଣେ ସୁନ୍ଦରୀ ମନ ସହ ମୋ ମନ ମିଶି ଯାଇଛି। ପୁଣି ତା' ପାଇଁ ଗୋଟିଏ ଗୀତ ଲେଖିଛି। ତାକୁ ସେ ଗ୍ରହଣ କରିବ ତ ?

**–ଅମର ଦାସ, ବ୍ରହ୍ମପୁର**

**ଉତ୍ତର :** ଯଦି ସୁନ୍ଦରୀ ମନ ସହ ଆପଣଙ୍କ ମନ ମିଶିଯାଇଛି, ତେବେ ଆଗକୁ ଆଗେଇବାରେ ଅସୁବିଧା ହେଉଛି କେଉଁଠି ? ସେପଟୁ ଗ୍ରୀନ୍ ସିଗ୍‌ନାଲ ଅଛି ତ ? ଯଦି ହଁ, ତେବେ ବିଳମ୍ବ କଲେ ହୁଏତ ଏପରି ସୁବର୍ଣ୍ଣ ସୁଯୋଗ ହାତରୁ ଖସିଯାଇପାରେ। 'ମନରେ ଥରେ ମିଶିଲେ ମନ, ଜଣାପଡ଼େ ନାହିଁ ରାତି କି ଦିନ'। ଯଦି 'କଣ କରିବି' ବୋଲି ଚିନ୍ତା କରନ୍ତି, ତେବେ ଅଧା ବାଟରେ ବାଡ଼ି ହଜାଇବା ସାର। ପୁଣି ନିଜ ମନର ମାନସୀ ପାଇଁ ଯେଉଁ ଗୀତଟି ଲେଖିଛନ୍ତି ତାହା ତ ନିଶ୍ଚୟ ପ୍ରେମକୁ ଆଧାର କରି ହୋଇଥିବ। ବାସ୍, ସେହି ଗୀତକୁ ସ୍ୱର କରି ପ୍ରେମିକାକୁ ଶୁଣାଇ ଦିଅନ୍ତୁ ନା ! ଯଦି ଗୀତର ସ୍ୱର, ତାଳ, ଲୟ ଠିକ୍ ରହିଲା ତେବେ ଆପଣଙ୍କ ପ୍ରେମର ଗାଡ଼ି ଆଉ ଦୁଇ ପାଦ ଆଗକୁ ଆଗେଇ ଯିବ।

**ପ୍ରଶ୍ନ–** ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ତାକୁ ପ୍ରେମ ନିବେଦନ କରିବା ଠିକ୍ ହେବ ତ ?

**–ଦୀପକ, କଳାହାଣ୍ଡି**

**ଉତ୍ତର :** ମଉନାବତୀର ଲାଜ ଚାହାଣୀ, ଚାହାଣୀରେ ଅଛି ପ୍ରେମ କାହାଣୀ। ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି ? ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡ଼ା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟରେ ଆପଣଙ୍କ ମନ ସବୁଦିନ ପାଇଁ ବସାଟିଏ ବାନ୍ଧି ପାରିବ।

**ପ୍ରଶ୍ନ–** ଥରେ ବସ୍‌ରେ ଯିବା ବେଳେ ଜଣେ ଝିଅ ସହ ମୋର ଭେଟ ହେଲା। ସେହି ସମୟରେ ମୁଁ ତା' ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ଼। ଏବେ କ'ଣ କରିବି ଜାଣିପାରୁନି।

**–ତପନ ସାହୁ, କଟକ**

**ଉତ୍ତର :** ଏଭଳି ପରିସ୍ଥିତିରେ ଭାବିଚିନ୍ତି ଷ୍ଟେପ୍ ନିଅନ୍ତୁ। କାରଣ ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଶୁଡ଼ି ପଡ଼ିବ ତାହା ଜାଣିପାରିବେ ନାହିଁ। ଯଦି ସେ ଝିଅ ବୟସରେ ବଡ଼ ଆଉ ଆପଣଙ୍କ ସହ ସେ ପ୍ରେମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ସେ ଆପଣଙ୍କଠାରୁ କେତେ ବଡ଼ ତାହା ଜାଣିନେବା ନିହାତି ଦରକାର। ନ ହେଲେ ବୟସର ତାରତମ୍ୟ ଭବିଷ୍ୟତରେ ଟେନ୍‌ସନର କାରଣ ହୋଇ ଠିଆ ହେବ। ତେଣୁ ଭାବି ଚିନ୍ତି ଏ କ୍ଷେତ୍ରରେ ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ–** ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

**–ପ୍ରସନ୍ନ କୁମାର, ଭୁବନେଶ୍ୱର**

**ଉତ୍ତର :** ଏହି ପ୍ରେମରେ ବୋଧହୁଏ କେଉଁଠି କେଁ ରହିଯାଉଛି। ସେ ଝିଅ ଆପଣଙ୍କ କଥା ଶୁଣି ହସି ଦେଉଛି, ଏଥିରୁ ଅନୁମାନ କରିହେଉଛି ଯେ ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡ଼ିବ।

**ପ୍ରଶ୍ନ–** ଝିଅଙ୍କ ନଖରାମିରେ ପ୍ରେମ ଲୁଚି ରହିଥାଏ କି ?

**–ଦିବାକର ରାଉତ, କେନ୍ଦ୍ରାପଡ଼ା**

**ଉତ୍ତର :** କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ହେଲେ ବେଳେବେଳେ ସେହି ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକେ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲୁକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

# କଳାଗ୍ରାମ ସାରଙ୍ଗଯୋଡ଼ି





ଏଠି ସଞ୍ଜ ନଇଁ ଆସିଲେ ପ୍ରତିଦିନ ଚାଲେ ଲୋକକଳାର ସାଧନା। ଗାଁ ଭାଗବତ ଘରେ କଳାକାରମାନେ ଏକାଠି ହୁଅନ୍ତି। ଭାଗବତ ପଢ଼ାଯାଏ, ଠାକୁରଙ୍କୁ ପ୍ରାର୍ଥନା କରାଯାଏ। ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ହୁଏ ନାମସଂକୀର୍ତ୍ତନ। କଳାସଂସ୍କୃତିସମ୍ପନ୍ନ ଏହି ଗାଁ ହେଉଛି ସାରଙ୍ଗଯୋଡ଼ି। ଓଡ଼ିଶାର ଐତିହ୍ୟସମ୍ପନ୍ନ ଗ୍ରାମ ସୁଆଣ୍ଡୋକୁ ଯିବା ପୂର୍ବରୁ ଭାର୍ଗବୀ ନଦୀର ଦକ୍ଷିଣ ପାର୍ଶ୍ୱବନ୍ଧରେ ପ୍ରାୟ ୨କି:ମି. ଦୂର ଯିବା ପରେ ପଡ଼ିବ ପୁରୀ ଜିଲାର ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସାରଙ୍ଗଯୋଡ଼ି ଗ୍ରାମପଞ୍ଚାୟତ। ଏହି ପଞ୍ଚାୟତ ଅଧୀନରେ ଅଛି ସାରଙ୍ଗଯୋଡ଼ି ଗାଁ। ଏହି ଗାଁର ପ୍ରାୟ ସମସ୍ତେ ଲୋକକଳାରେ ସାମିଲ ହୋଇଥାନ୍ତି। ବାଇଁଶୀବାଡ଼ି, ସାରଙ୍ଗଯୋଡ଼ି ଶାସନ, ମର୍ଦ୍ଦମୁଖ, ମଲୁଖପାଟଣା ଆଦି ଗାଁର ପ୍ରାୟ ୧୧୭ ପରିବାରର ପିଲାଙ୍କଠାରୁ ବୟସ୍କ ଯାଏ ସଭିଏ ଓଡ଼ିଶାର ପାରମ୍ପରିକ ଲୋକକଳାରେ ନିପୁଣ। ଏଠାରେ ଦେଖିବାକୁ ମିଳେ ଗୋଟିପୁଅ, ମାଦଳ, ଦାସକାଠିଆ, ଓଡ଼ିଶୀ, ପାଲା, ସଂକୀର୍ତ୍ତନ, ରାମଲୀଳା, ମୃଦଙ୍ଗବାଦ୍ୟ ନୃତ୍ୟ, ସାହିଯାତ, ମେଢନୃତ୍ୟ ଆଦି ବିଭିନ୍ନ ପାରମ୍ପରିକ ଲୋକନୃତ୍ୟ। ଏହା ବ୍ୟତୀତ ଏହି ଗାଁରେ ଅନେକ କାରିଗର ଅଛନ୍ତି; ଯେଉଁମାନେ କି ପଟଚିତ୍ର, ତାଳପତ୍ର ପୋଥିକାମ, ପଥରଖୋଦେଇ, ମୂର୍ତ୍ତି ଗଢ଼ିବା, କାଗଜ ମୁଖାର କଳାକୃତି ତିଆରି କରିଥାନ୍ତି। ଏଠାକାର କାରିଗର ସବିତା ପଲେଇ କୁହନ୍ତି, ତାଳପତ୍ର ଖୋଦେଇ କାମ କରିବା ସହ ସଂକୀର୍ତ୍ତନରେ ଗାୟିକାଭାବେ ପ୍ରତ୍ୟେହ ହରିନାମ ଗାନ କରିଥାଏ। ଯେଉଁଠାରେ ନାମ କୀର୍ତ୍ତନ ହୁଏ ସେଠାରେ ଭଗବାନ ସ୍ୱୟଂ ପ୍ରକଟ ହୋଇଥାନ୍ତି ବୋଲି ମୋର ବିଶ୍ୱାସ ରହିଛି। ଭଗବାନଙ୍କ ନାମରେ ଅପାର ମହିମା ରହିଛି। ଶ୍ରଦ୍ଧା ଓ ନିଷ୍ଠାର ସହିତ ବାରମ୍ବାର ଆବୃତ୍ତି କଲେ ଅନ୍ତଃକରଣରେ ପବିତ୍ରତା ଆସେ। ଦିବ୍ୟ ଆନନ୍ଦ ମିଳେ। ନାମସଂକୀର୍ତ୍ତନ ଦ୍ୱାରା ସାଧାରଣ ଜୀବନ ଦିବ୍ୟଜୀବନରେ ପରିବର୍ତ୍ତିତ ହୋଇଥାଏ। ସେହିପରି ମୃଦଙ୍ଗବାଦ୍ୟ ଗୁରୁ ରମେଶ ପଲାଇ କୁହନ୍ତି- ଗାଁ ଗହଳିରେ ନାମସଂକୀର୍ତ୍ତନ ମଣ୍ଡଳୀରେ କଳାକାରମାନେ ମୃଦଙ୍ଗ ବଜାଇଥାନ୍ତି। ଆମ ସାରଙ୍ଗଯୋଡ଼ି ଗାଁର କଳାକାରମାନଙ୍କର ଏହି କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ରହିଛି। ଗୁରୁ ଧୂରନ୍ଧର ପ୍ରଧାନ କୁହନ୍ତି, ଆମ ଗାଁର ଲୋକମାନେ ନିଜ କଳାସଂସ୍କୃତିକୁ ନେଇ ଖୁବ୍ ଗୌରବ ମନେକରନ୍ତି। ଗାଁର କଳାକାରମାନେ ଯେତେବେଳେ ଜି-୨୦ ସମ୍ମିଳନୀରେ ଲୋକକଳା ମାଧ୍ୟମରେ ନିଜର କଳାକୌଶଳ ପ୍ରଦର୍ଶନ କରିଥିଲେ, ତାହା ଖୁବ୍ ମନଛୁଆଁ ହୋଇପାରିଥିଲା। ଆମ ଗାଁର ପୁରୁଷ କଳାକାରମାନେ ରାଜ୍ୟ ଓ ବାହାର ରାଜ୍ୟରେ ବହୁବାର ଲୋକକଳା ପ୍ରଦର୍ଶନକରି ସୁନାମ ଆଣିଛନ୍ତି। ଗୁରୁ କୈଳାସଚନ୍ଦ୍ର ବିଶ୍ୱାଳ କୁହନ୍ତି, 'ଗୋଟିପୁଅ ନୃତ୍ୟରେ ୧୫ ଜଣ ଥିବାବେଳେ ମୃଦଙ୍ଗରେ ୮ରୁ ୨୦ଜଣ ରୁହନ୍ତି। ପାଲାରେ ୬ଜଣ, ରାମଲୀଳାରେ ୨୨ଜଣ ଲେଖାଏ ନୃତ୍ୟ ପରିବେଷଣ କରିଥାନ୍ତି। ଗାଁର ବିଭିନ୍ନ ଲୋକକଳାର କାଳକାରମାନଙ୍କ ଗୋଷ୍ଠୀ ମଧ୍ୟରେ ୨ଜଣ ଲେଖାଏ ସେମାନଙ୍କ ମଧ୍ୟରେ ମୁଖିଆ ଭାବେ ବୁଝାଶୁଝା କରିଥାନ୍ତି।

**କଳାଗ୍ରାମର ମାନ୍ୟତା:** ଗୁରୁ କୈଳାସଚନ୍ଦ୍ର ବିଶ୍ୱାଳ କୁହନ୍ତି,'ସବୁଠାରୁ ବଡ଼କଥା ହେଲା ଏହି ଗାଁକୁ ୨୦୧୮ ମସିହାରେ ଓଡ଼ିଶା ସରକାରଙ୍କ ତରଫରୁ ଗୋଟିପୁଅ ନୃତ୍ୟ ଏବଂ ମେଢ଼ନୃତ୍ୟ ପାଇଁ 'ଲୋକକଳା ଗ୍ରାମ'ର ମାନ୍ୟତା ମିଳିଛି। ଯାହାକି ଏହି ଗାଁର କଳାକାରମାନଙ୍କ ପ୍ରଚେଷ୍ଟାରୁ ସମ୍ଭବ ହୋଇଛି। ଏହି ଗାଁର କଳାକାରମାନେ ଜାପାନର ଟୋକିଓରେ ଆୟୋଜିତ 'ନମସ୍ତେ ଇଣ୍ଡିଆ' ଫେଷ୍ଟିଭାଲରେ ଗୋଟିପୁଅ ନୃତ୍ୟ କରି ବହୁ ପ୍ରଶଂସା ବି ପାଇଛନ୍ତି। କଳାକାରମାନେ ମାଦଳ, ମୃଦଙ୍ଗବାଦ୍ୟର ନୃତ୍ୟ ନିମନ୍ତେ ଦରିଆପାରି ହୋଇ ପ୍ୟାରିସ୍, ବେଲଜିୟମ, ପର୍ତ୍ତୁଗାଲ, ଇଂଲଣ୍ଡ ଆଦି ବିଦେଶ ରାଷ୍ଟ୍ରକୁ ଯାଇଛନ୍ତି। ମହିଳାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ନାମ ସଂକୀର୍ତ୍ତନ ଆଦି କରିଥାନ୍ତି। ପ୍ରତିବର୍ଷ ଗାନ୍ଧୀ ଜୟନ୍ତୀରେ ଲୋକକଳା ଦିବସକୁ ମନେପକାଇ ଏଠାକାର କଳାକାରମାନେ ବିଭିନ୍ନ ପାରମ୍ପରିକ କଳା ପରିବେଷଣ କରିଥାନ୍ତି। ସରସ୍ୱତୀପୂଜା, ପଣା ସଂକ୍ରାନ୍ତିରେ ସେମାନେ ବାଦ୍ୟଯନ୍ତ୍ରକୁ ପୂଜାର୍ଚ୍ଚନା କରିଥାନ୍ତି। ଗୋପବନ୍ଧୁଙ୍କ ଜୟନ୍ତୀ, କାର୍ତ୍ତିକପୂର୍ଣ୍ଣିମା ମହୋତ୍ସବ, ଗୋଟିପୁଅ ନୃତ୍ୟ ମହୋତ୍ସବ, ସାରଙ୍ଗଯୋଡ଼ି ମେଳଣ, ୭ରାତ୍ରବ୍ୟାପି ବାଦୀପାଲା, ଅକ୍ଷୟତୃତୀୟା, ମହାବିଷୁବ ସଂକ୍ରାନ୍ତି, ମହାବୀର ଜୟନ୍ତୀ, ଅଷ୍ଟପ୍ରହର ନାମଯଜ୍ଞ ଆଦିରେ କଳାକାରମାନେ ପାରମ୍ପରିକ ଲୋକକଳା ପରିବେଷଣ କରିଥାନ୍ତି। ଅନ୍ୟପକ୍ଷେ ଗାଁର କଳାକାରଙ୍କୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ଅଞ୍ଚଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଡାକରା ଆସିଥାଏ। ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ସାମାଜିକ ପରିବର୍ତ୍ତନ କର୍ମଶାଳାରେ ଭାଗ ନେଇଥାନ୍ତି। ଜାପାନର ଟୋକିଓରେ 'ନମସ୍ତେ ଇଣ୍ଡିଆ' କାର୍ଯ୍ୟକ୍ରମରେ ଯେଉଁ ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା ସେଠାକୁ ଆସିଥିବା କଳାପ୍ରେମୀ, ଗବେଷକ, ଅତିଥି ଏବଂ ସ୍କୁଲ ପିଲାଙ୍କୁ ଆମେ ଗୋଟିପୁଅ ନୃତ୍ୟ ସମ୍ପର୍କରେ ବୁଝାଇଥିଲୁ। ସେଠାରେ ଗୋଟିପୁଅ ନୃତ୍ୟ ଓ ମେଢ଼ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିଯୋଗୁ ଉତ୍କଳ ଗୁରୁ ସମ୍ମାନ, ଆରାଧନା ସମ୍ମାନ, ଧର୍ମକୀର୍ତ୍ତି ସମ୍ମାନ ମିଳିଛି। ଦିଲ୍ଲୀ ଓ ହରିୟାଣାରେ ଗୁରୁ କୁଳମଣି ବିଶ୍ୱାଳ, ରମେଶ ପଲାଇଙ୍କୁ ମୃଦଙ୍ଗବାଦ୍ୟ ପାଇଁ ସମ୍ମାନିତ କରାଯାଇଥିବାବେଳେ ଭୁବନେଶ୍ୱରରେ ଉତ୍କଳ ବାଦ୍ୟରତ୍ନ ସମ୍ମାନ ମିଳିଥିଲା। ମେଢନୃତ୍ୟ ଗୁରୁ କୃଷ୍ଣଚନ୍ଦ୍ର ଦୀକ୍ଷିତଙ୍କୁ ଲୋକକଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆମ କଳାସଂସ୍କୃତିକୁ ବିଦେଶରେ ବହୁତ ଭଲ ପାଆନ୍ତି ଓ ପ୍ରଶଂସା ବି କରନ୍ତି।

ନିଜର ଚିତ୍ତ ବିନୋଦନ ପାଇଁ ଲୋକକଳାର ସୃଷ୍ଟି ହୋଇଥିବା ବେଳେ କିଛି ଲୋକ ଲୋକକଳା ଭିତରେ ହିଁ ଜିଇଁଥାନ୍ତି। ଯେମିତି ଏହି ଗାଁର ଲୋକମାନେ। ଏହି ଗାଁଛଡ଼ା ଓଡ଼ିଶାର ଆହୁରି ବି କିଛି ଗାଁ ରହିଛି ଯେଉଁ ଗ୍ରାମ ଲୋକକଳାକୁ ପ୍ରାଧାନ୍ୟ ଦେଇ ନିଜ ଗାଁକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ସକ୍ଷମ ହୋଇଛନ୍ତି।

**-ବନବିହାରୀ, କିଶୋର ଚନ୍ଦ୍ର ମହାପାତ୍ର**







# ସୋନାଲି

## ହାଃ ହାଃ

### ପେଡାଲ୍

ସ୍କୁଲରେ ପିଲାଙ୍କୁ ବ୍ୟାୟାମ ଶିଖାଯାଉଥାଏ। ବ୍ୟାୟାମ ଶିକ୍ଷକ ପିଲାଙ୍କୁ– ପିଲେ ତଳେ ଶୋଇ ରହି ଗୋଡ ଦୁଇଟିକୁ ଉପରକୁ ଟେକ। ତାପରେ ତାକୁ ସାଇକେଲ୍‌ର ପେଡାଲ ମାରିବା ଭଳି ଗୋଡ ବୁଲାଅ।

ସବୁ ପିଲା ସେହିଭଳି କଲେ। ହେଲେ ଗୋଟିଏ ପିଲା ସେମିତି ନକରି ଗୋଡ ଦୁଇଟିକୁ ଖାଲି ଟେକି ରଖିଥାଏ। ଏହା ଦେଖି ଶିକ୍ଷକ– କ'ଣ କିରେ ପେଡାଲ ମାରୁନୁ?

ପିଲାଟି– ସାର୍, ମୋର୍ ଏବେ ଗଡାଣି ପଡିଛି ପରା।

### ଶବ୍ଦ

ମ୍ୟାନେଜର୍ ଚାକିରି ପାଇଁ ନିବେଦନ କରିଥିବା ପ୍ରାର୍ଥୀଙ୍କୁ– ତମେ ଏମିତି ଏକ ଇଂରାଜୀ ଶବ୍ଦ କହିପାରିବ ଯେଉଁଥିରେ ୧୦୦ରୁ ଉର୍ଦ୍ଧ୍ୱ ଲେଟର୍ ଥିବ?

ପ୍ରାର୍ଥୀ– ହଁ ନିଶ୍ଚୟ।

ମ୍ୟାନେଜର୍– କହିଲ ଦେଖି।

ପ୍ରାର୍ଥୀ– ପୋଷ୍ଟ ବକ୍ସ।

### ମୁଣ୍ଡିଆ


ରାଜେଶ ଗଲାବେଳେ ରାସ୍ତାରେ ଏକ ଗଧ ସାମ୍‌ନାରେ ଝୁଣ୍ଟି ପଡ଼ିଗଲା।

ତାହା ଦେଖି ଶର୍ମିଳା–କ'ଣ ନିଜ ବଡ଼ ଭାଇଙ୍କ ପାଦ ଛୁଇଁ ମୁଣ୍ଡିଆ ମାରୁଛ?

ରାଜେଶ ହସି ହସି– ହଁ, ଭାଉଜ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ **ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।





## ଅନନ୍ୟ ହିଲ୍‌ଷ୍ଟେଶନ

# ନୌକୁଚିଆତାଲ

**ଉତ୍ତରାଖଣ୍ଡର ନୈନିତାଲ ଜିଲା ଅନ୍ତର୍ଗତ ଏକ ଲୋକପ୍ରିୟ ହିଲ୍‌ଷ୍ଟେଶନ ହେଉଛି ନୌକୁଚିଆତାଲ; ଯାହାର ଅପୂର୍ବ ପ୍ରାକୃତିକ ଦୃଶ୍ୟ ଦେଶବିଦେଶର ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ସେଥିପାଇଁ ବର୍ଷକ ବାରମାସ ଏଠାରେ ଆଗନ୍ତୁକଙ୍କର ଭିଡ଼ ଦେଖିବାକୁ ମିଳେ...**

ନୌକୁଚିଆତାଲ ହେଉଛି ଉତ୍ତରାଖଣ୍ଡର ନୈନିତାଲ ଜିଲା ଅନ୍ତର୍ଗତ ଏକ ହିଲ୍‌ଷ୍ଟେଶନ। ଏଠାରେ ରହିଛି ନଅଟି କୋଣ ବିଶିଷ୍ଟ ଏକ ହ୍ରଦ ; ଯାହା ହେଉଛି ଏଠାକାର ମୁଖ୍ୟ ଆକର୍ଷଣ। ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି, ଯଦି କୌଣସି ବ୍ୟକ୍ତି ଗୋଟିଏ ନଜରରେ ଏହି ହ୍ରଦର ନଅଟି ଯାକ କୋଣକୁ ଏକାସାଙ୍ଗରେ ଦେଖିପାରିବେ, ତା'ହେଲେ ତାଙ୍କର ସବୁ ମନୋସ୍କାମନା ପୂରଣ ହୋଇଯିବ। କିନ୍ତୁ ପ୍ରକୃତପକ୍ଷେ ଆଜିଯାଏଁ କେହି ବି ଏଥିରେ ସଫଳ ହୋଇପାରି ନାହାନ୍ତି। କୁହାଯାଉଛି ଏଠାରେ କୁଆଡ଼େ ଗୋଟିଏ ନଜରରେ ମାତ୍ର ସାତଟି କୋଣ ଦେଖିବା ସମ୍ଭବ ହୋଇପାରୁଛି। ସେଥିପାଇଁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ହ୍ରଦର କେତୋଟି କୋଣକୁ ଥରକରେ ଦେଖିପାରିବେ ସେ ଚେଷ୍ଟା ପ୍ରଥମେ କରିଥାନ୍ତି ; ଯାହାକି ଏଠାକାର ମୁଖ୍ୟ ଆକର୍ଷଣ ସାଜିଥାଏ। କେବଳ ସେତିକି ନୁହେଁ, ଏହି ନଅ କୋଣ ବିଶିଷ୍ଟ ହ୍ରହ ପାଇଁ ହିଁ କେବଳ ଏହି ସ୍ଥାନର ଏପରି ନାମକରଣ ହୋଇଥିବା ସାଧାରଣରେ ବିଶ୍ୱାସ କରାଯାଏ।

### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ସ୍ଥାନରେ ଥିବା ଉକ୍ତ ନଅ କୋଣ ବିଶିଷ୍ଟ ହ୍ରଦଟି କୁଆଡ଼େ ବ୍ରହ୍ମାଙ୍କର ଆଶୀର୍ବାଦରୁ ଏଠାରେ ସୃଷ୍ଟି ହୋଇଛି। ସେଥିପାଇଁ ଏଠାରେ ବ୍ରହ୍ମାଙ୍କର ଏକ ମନ୍ଦିର ଥିବାର ମଧ୍ୟ ଦେଖିବାକୁ ମିଳେ। ତା'ସହିତ ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି ଯେ, ଯଦି କେହି ବି ଏହି ହ୍ରଦକୁ ପରିକ୍ରମା କରନ୍ତି ତା'ହେଲେ ତାଙ୍କୁ ବ୍ରହ୍ମାଙ୍କର ଆଶୀର୍ବାଦ ପ୍ରାପ୍ତି ହୋଇଥାଏ।

### କ'ଣ ଦେଖିବେ

ସମୁଦ୍ରପତ୍ତନରୁ ପ୍ରାୟ ୧୨୨୦ ମିଟର ଉଚ୍ଚତାରେ ଥିବା ଏହି ନୌକୁଚିଆତାଲ ହିଲ୍‌ଷ୍ଟେଶନର ମୁଖ୍ୟ ଆକର୍ଷଣ ସାଜିଥିବା ଉକ୍ତ ହ୍ରଦଟିର ଗଭୀରତା କୁଆଡ଼େ ପ୍ରାୟ ୧୭୫ ଫୁଟ, ଲମ୍ୱ ପ୍ରାୟ ୯୮୩ ମିଟର ଏବଂ ଚଉଡ଼ା ପ୍ରାୟ ୬୯୩ ମିଟର ହେବ। ଏହି ହ୍ରଦ ଛଡ଼ା ଏଠାରେ ପର୍ଯ୍ୟଟକ ଅନେକ ଉଚ୍ଚ ଉଚ୍ଚ ପାହାଡ ବି ଦେଖିପାରିବେ। ତା'ସହିତ ପାରାସେଲିଂ, ପାରାଗ୍ଲିଡିଂ, ଫିଶିଂ, ରୋଇଂ, ପ୍ୟାଡେଲିଂ ଭଳି ଦୁଃସାହସିକ କ୍ରୀଡ଼ାର ମଜା ନେବା ସହ ବିଭିନ୍ନ ପ୍ରକାରର ପକ୍ଷୀ ଦେଖିବାର ମଧ୍ୟ ଆନନ୍ଦ ଲଭିପାରିବେ। କେବଳ ସେତିକି ନୁହେଁ ପ୍ରତିବର୍ଷ ମେ' ମାସରେ ଏଠାରେ ଏକ ସ୍ୱତନ୍ତ୍ର ଉତ୍ସବର ମଧ୍ୟ ଆୟୋଜନ କରାଯାଇଥାଏ ; ଯାହାକି ବେଶ୍ ମନୋରମ ଲାଗିଥାଏ।

### ଆଉ କ'ଣ ଦେଖିବେ


ତେବେ ଏହି ହିଲ୍‌ଷ୍ଟେଶନର ନିକଟବର୍ତ୍ତୀ ଅଞ୍ଚଳରେ ଆହୁରି ଅନେକ ସୁନ୍ଦର ସୁନ୍ଦର ପର୍ଯ୍ୟଟନସ୍ଥଳୀମାନ ରହିଛି। ଯେମିତିକି: ହନୁମାନ ମନ୍ଦିର, ମୁକ୍ତେଶ୍ୱର, ସାତ ତାଲ୍, ନୈନିତାଲ୍, ଅଲମୋରା, ରାଣୀଖେତ, ଭୀମତାଲ୍, ହଲ୍ଦ୍ୱାନି ଇତ୍ୟାଦି ଅନ୍ୟତମ। ପର୍ଯ୍ୟଟକ ଚାହିଁଲେ ଏହି ସବୁ ସ୍ଥାନକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ବି ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଏଠାକୁ ଯିବା ପାଇଁ ମାର୍ଚ୍ଚରୁ ଜୁନ୍ ଏବଂ ସେପ୍ଟେମ୍ବରରୁ ନଭେମ୍ବର ହେଉଛି ପ୍ରକୃଷ୍ଟ ସମୟ। ସେହିପରି ଗମନାଗମନ ପାଇଁ ବି ଏଠାରେ ଯଥେଷ୍ଟ ସୁବିଧା ଉପଲବ୍ଧ ରହିଛି।







# ଖୁନୀ ଦରୱାଜା

ପ୍ରାଚୀନ, ମଧ୍ୟକାଳୀନ ଓ ଆଧୁନିକ ଇତିହାସର ମିଳନସ୍ଥଳ ହେଉଛି ଦିଲ୍ଲୀ। ଏଠାରେ ଏମିତି ଅନେକ ସ୍ଥାନ ଅଛି ଯାହାର ସୌନ୍ଦର୍ଯ୍ୟ ଓ ଇତିହାସ ଦିଲ୍ଲୀର ଗର୍ବଗୌରବ ବଢ଼ାଏ। ତେବେ ଏଠାରେ ଏମିତି ବି କିଛି ସ୍ଥାନ ଅଛି ଯେଉଁଠିକୁ ଦିନରେ ହୁଏତ କେହି ଯାଇପାରନ୍ତି। ହେଲେ ରାତିରେ ସେଇ ବାଟ ଦେଇ ଯିବାକୁ ବି ଲୋକେ ଡରନ୍ତି। ସେହି ସ୍ଥାନ ମଧ୍ୟରୁ ଗୋଟିଏ ହେଉଛି 'ଖୁନୀ ଦରୱାଜା'। କୁହାଯାଏ ରାତିରେ ଏଠାରୁ କାନ୍ଦିବା ଓ ଚିଲ୍ଲାଇବା ଶବ୍ଦ ଶୁଭେ। ଆଉ ଏହା ପଛରେ ଶୁଣିବାକୁ ମିଳେ ଅନେକ ଐତିହାସିକ କଥା...

ଦିଲ୍ଲୀରେ ଅଛି ଅନେକ ଦରୱାଜା ବା ଦ୍ୱାର। ସେଥିପାଇଁ ଅନେକେ ଏହାକୁ ଦରୱାଜାର ସହର ବି କୁହନ୍ତି। ୧୬୧୧ରେ ୟୁରୋପୀୟ ବ୍ୟାପାରୀ ୱିଲିୟମ ଫିଞ୍ଚ ଦିଲ୍ଲୀକୁ ସାତ ମହଲ ଓ ବାଉନ ଦରୱାଜାର ସହର ବୋଲି କହିଥିଲେ। ଏଠାରେ ଥିବା ବିଭିନ୍ନ ଦରୱାଜା ବା ଦ୍ୱାର ମଧ୍ୟରୁ ଗୋଟିଏ ହେଉଛି ଏହି 'ଖୁନୀ ଦରୱାଜା', ଯାହାକି ପ୍ରଥମେ ଲାଲ ଦରୱାଜା ଓ କାବୁଲି ଦରୱାଜା ଭାବେ ପରିଚିତ ଥିଲା। ଦିଲ୍ଲୀରେ ଏପର୍ଯ୍ୟନ୍ତ ସଂରକ୍ଷିତ ହୋଇ ରହିଥିବା ୧୩ଟି ଗେଟ୍ ଭିତରୁ ଏହା ଅନ୍ୟତମ। ଦିଲ୍ଲୀସ୍ଥ ବାହାଦୁର ଶାହ ଜାଫର୍ ରୋଡ୍‌ର ଦିଲ୍ଲୀ ଗେଟ୍ ନିକଟରେ ଏହା ଅଛି। ୧୮୫୭ ବିଦ୍ରୋହ ସମୟରେ ଏହାକୁ ପାରମ୍ପରିକ ଗେଟ୍ ବା ଦ୍ୱାର ନୁହେଁ ବରଂ ତୋରଣ ଦ୍ୱାର କୁହାଯାଉଥିଲା।

ତେବେ ଏହି ସାଧାରଣ ତୋରଣ ଗେଟ୍‌ଟି 'ଖୁନୀ ଦରୱାଜା' ନାମରେ ସେତେବେଳେ ପରିଚିତ ହେଲା ଯେବେ ୧୮୫୭ ବିଦ୍ରୋହ ପରେ ମୋଗଲ ରାଜବଂଶର ତିନି ରାଜ କୁମାର ତଥା ବାହାଦୁର ଶାହ ଜାଫର୍‌ଙ୍କ ପୁଅ ମିର୍ଜା ମୋଗଲ ଓ ମିର୍ଜା ଖିଜ୍ର ସୁଲତାନ ଏବଂ ନାତି ମିର୍ଜା ଅବୁ ବଖ୍‌ତଙ୍କୁ ବ୍ରିଟିଶ ଅଫିସର୍ ୱିଲିୟମ୍ ହଡ୍‌ସନ୍ ଗୁଳିକରି ହତ୍ୟା କଲେ। ଏହାବାଦ୍ ଏହା ବି କୁହାଯାଏ ଯେ, ୧୭୩୯ରେ ନାଦିର ଶାହ ଯେତେବେଳେ ଦିଲ୍ଲୀ ଉପରେ ଆକ୍ରମଣ କଲେ ଏହି ଦ୍ୱାର ନିକଟରେ ବହୁତ ରକ୍ତପାତ ହୋଇଥିଲା। ସେଥିପାଇଁ ଏହାକୁ 'ଖୁନୀ ଦରୱାଜା' କୁହାଯାଏ। ଯଦିଓ ଏହି କଥା ଉପରେ କେତେକ ଐତିହାସିକ ସନ୍ଦେହ ପ୍ରକାଶ କରନ୍ତି। ଏହାବାଦ୍ ଏମିତି ବି କୁହାଯାଏ ଆକବରଙ୍କ ମୃତ୍ୟୁ ପରେ ଜାହାଙ୍ଗୀର ଯେବେ ରାଜସିଂହାସନକୁ ଅକ୍ତିଆର କରିବାକୁ ଚାହୁଁଥିଲେ ସେତେବେଳେ ଆକବରଙ୍କ ନବରତ୍ନ ମଧ୍ୟରୁ ଜଣେ ଅବଦୁଲ ରହିମ୍ ଖାନ-ଏ-ଖାନା ଏହାକୁ ବିରୋଧ କରିଥିଲେ। ଯାହା ଜାହାଙ୍ଗୀରଙ୍କୁ ପସନ୍ଦ ହୋଇ ନ ଥିଲା। ଆଉ ସେ ରାଗରେ ଅବ୍‌ଦୁଲ ରହିମ ଖାନ-ଏ-ଖାନାଙ୍କ ଦୁଇ ପୁଅଙ୍କୁ ହତ୍ୟା କରାଇ ତାଙ୍କ ମୃତ ଶରୀରକୁ ଏହି ଗେଟ୍ ପାଖରେ ଶଢିବା ପାଇଁ ରଖିଥିଲେ। ଏହାବାଦ୍ ଏହା ବି କୁହାଯାଏ ଶାହ ଜାହାନଙ୍କ ପୁଅ ଔରଙ୍ଗଜେବ ରାଜସିଂହାସନ ପାଇଁ ନିଜ ବଡ଼ ଭାଇ ଦାରା ଶିକୋହଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କ ମୁଣ୍ଡକୁ ଏହି ଗେଟ୍‌ରେ ପ୍ରଦର୍ଶିତ କରିବା ଲାଗି ଝୁଲାଇ ରଖିଥିଲେ। ଯେମିତିକି ଲୋକଙ୍କ ମନରେ ତାଙ୍କ ପ୍ରତି ଭୟ ରହିବ। ସିଂହାସନ ଅକ୍ତିଆର ଲୋଭରେ ହୋଇଥିବା ଏଭଳି ରକ୍ତପାତ ବ୍ୟତୀତ ୧୯୪୭ ମସିହା ସ୍ୱାଧୀନତା ସଂଗ୍ରାମ ସମୟରେ ବି ଏହି ଗେଟ୍ ନିକଟରେ ବହୁ ମାତ୍ରାରେ ରକ୍ତପାତ ହୋଇଥିଲା। ଅର୍ଥାତ୍ ଯେତେବେଳେ ବହୁ ସଂଖ୍ୟକ ଶରଣାର୍ଥୀ ପୁରାନା କିଲ୍ଲାରେ ଥିବା କ୍ୟାମ୍ପକୁ ଯାଉଥିଲେ ସେତେବେଳେ ତାଙ୍କୁ ଏହି ଗେଟ୍ ନିକଟରେ ହତ୍ୟା କରାଯାଇଥିବା କୁହାଯାଏ। ତେଣୁ ରକ୍ତରେ ଧୋଇ ହୋଇଥିବା ଏହି ଦରୱାଜା ପରବର୍ତ୍ତୀ ସମୟରେ 'ଖୁନୀ ଦରୱାଜା' ଭାବେ ପରିଚିତ ହେଲା।





# ଗ୍ଲୋଗା

ସୁସ୍ଥ ଶରୀର ପାଇଁ ଯୋଗ କରିବା ନିହାତି ଜରୁରୀ। ହେଲେ ଅନେକ ସମୟରେ ସମୟର ଅଭାବ କିମ୍ବା ଆଳସ୍ୟ ଯୋଗୁ କେହି କେହି ଯୋଗ କରି ନ ଥାନ୍ତି। ତେବେ ଏମିତି ଏକ ସ୍ଥାନ ଅଛି ଯେଉଁଠିକାର ପରିବେଶ ଏଭଳି ଯେ, ସେଠି ଯୋଗ କରିବାକୁ ଯେ କେହି ଚାହିଁବେ। କାରଣ ଏଠି ଯୋଗ କଲେ ଭିନ୍ନ ଏକ ଅନୁଭୂତି ମିଳିବ। ଖାସ୍‌କରି ଯେଉଁମାନଙ୍କୁ କ୍ଲବ୍ ଯିବାକୁ ଭଲ ଲାଗେ, ସେମାନେ ଏଠାକୁ ଆସି ଯୋଗ କରିବାକୁ ବେଶି ଭଲ ପାଇବେ। ଡିଜେ ସହ ନିଓନ୍ ଓ ବ୍ଲାକ୍ ଲାଇଟ୍। ତା'ସହ ଫ୍ଲୁରୋସେଣ୍ଟ ବଡିପେଣ୍ଟ କରିଥିବା ଲୋକଙ୍କ ସମାଗମ ଏହାକୁ କୌଣସି ଏକ କ୍ଲବ ପରିବେଶର ଭ୍ରାନ୍ତି ସୃଷ୍ଟି କରିବ। ହେଲେ ଏହା କ୍ଲବ ନୁହେଁ, ବରଂ ଏମିତି ପରିବେଶ ଓ ବେଶଭୂଷାରେ ହିଁ ଏଠାରେ ହୁଏ ଯୋଗ। ଅନ୍ଧକାର ପରିବେଶ ଭିତରେ ଫ୍ଲୁରୋସେଣ୍ଟ ବଡିପେଣ୍ଟ ଲାଗିଥିବା ଶରୀର ଚକ୍‌ମକ୍ ହୁଏ। ଆଉ ଏଭଳି ଭାବେ ଯୋଗ କରିବାରେ ମିଳେ ଏକ ଅଦ୍ଭୁତ ଓ ନିଆରା ଆନନ୍ଦ। ଏହି ଯୋଗକୁ 'ଗ୍ଲୋଗା' ବୋଲି କୁହାଯାଏ। ଯେଉଁମାନଙ୍କୁ ଯୋଗ କରିବାକୁ ଅଳସୁଆ ଲାଗେ, ସେମାନଙ୍କ ମନରେ ବି ଏଭଳି ଭାବେ ଯୋଗ କରିବାକୁ ଇଚ୍ଛା ଜାଗ୍ରତ ହେବ।

# କର୍ମାନୁଯାୟୀ ଦଣ୍ଡ, ପୁଣି ଗୋଟିଏ ଜନ୍ମରେ



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

ଏ ସଂସାରରେ ଯିଏ ଯେମିତି କର୍ମ କରିବ, ସେ ସେମିତି ଫଳ ପାଇବ। ଭଲ କର୍ମ ର ଭଲ ଫଳ। ଖରାପ କର୍ମର ଖରାପ ଫଳ। କିନ୍ତୁ ଅନେକ ବ୍ୟକ୍ତିଙ୍କର କର୍ମ ଫଳର ସିଦ୍ଧାନ୍ତ ଉପରେ ଆଦୌ ବିଶ୍ୱାସ ନ ଥାଏ। ସେମାନଙ୍କର ବିଶ୍ୱାସ ନ କରିବାର କାରଣ ବି ଅଛି। ଅନେକ ଲୋକ ଥାନ୍ତି ଯେଉଁମାନେ ଖୁବ ଖରାପ କାର୍ଯ୍ୟ କରୁଥାନ୍ତି। କିନ୍ତୁ ବେଶ ଭଲରେ ଥାନ୍ତି। ଦେଖାଯାଏ ଯେ, ଯେଉଁମାନେ ଅନ୍ୟାୟ କରନ୍ତି, ଅନୀତି କରନ୍ତି, ଅନ୍ୟକୁ ବହୁ କଷ୍ଟ ଦିଅନ୍ତି, ଅନ୍ୟର ଖାଇବା ଥାଳିକୁ ଭାଙ୍ଗି ଦିଅନ୍ତି, ସେମାନେ କିନ୍ତୁ ବହୁ ଆରାମରେ ଥାନ୍ତି। କୁକର୍ମର ଫଳ ପାଇବେ କ'ଣ ଓଲଟି ତାଙ୍କର ଧନ ଆହୁରି ରୁ ଆହୁରି ବଢୁଥାଏ। ଧନ ବଢିବା ସହ ପ୍ରତିପତ୍ତି ବି ବଢୁଥାଏ। ଏହାର ଅନ୍ୟ ବିପରୀତ ଦୃଶ୍ୟ ବି ସେୟା। ଯିଏ ବେଶୀ ଦାନ ପୁଣ୍ୟ, ଦୟା ଧର୍ମ କରୁଥାଏ, ତା' ଉପରେ ବେଶୀ ବିପଦ ପଡ଼େ। ଏତାଦୃଶ ଦୃଶ୍ୟକୁ ଦେଖି ଯେ କେହି ବି ଭାବିବ ଯେ ନା, ଭଲ କର୍ମର ଭଲ ଫଳ କିମ୍ବା ଖରାପ କର୍ମର ଖରାପ ଫଳ ମିଳିବା କଥା ପୁରାପୁରି ମିଛ ଏବଂ ଅସତ୍ୟ ଉପରେ ଆଧାରିତ। ନ ହେଲେ ଅନ୍ୟର ଉପକାରରେ ରତ ଥିବା ଅମକୁ ଲୋକଟିର ଭେଣ୍ଡା ପୁଅଟା ଅକାଳରେ ମରି ଯାଆନ୍ତା ନାହିଁ କିମ୍ବା ଦିନ ଦ୍ୱି ପ୍ରହରରେ ଅନ୍ୟର ତଣ୍ଟି କାଟୁଥିବା ସମକ ଲୋକଟିର ଚାରିତାଲା କୋଠା, ଗାଡ଼ି ଘୋଡ଼ା, ବ୍ୟାଙ୍କ ବାଲାନ୍ସ ଆଦି ବଢୁ ନ ଥାନ୍ତା।

ପାଠକେ ! କର୍ମର ଫଳ ଏବଂ ଏହାକୁ ଭୋଗିବାର ସମୟ ଯେଉଁ ଜନ୍ମରେ ମିଳୁ ନା କାହିଁକି ଏହା ସତ୍ୟ ଯେ କର୍ମର ଫଳ ନିଶ୍ଚିତ ଭାବେ ଅଛି। ପାପ କର୍ମ ହେଉ କି ପୁଣ୍ୟ କର୍ମ, ଯାହା କରିବେ, ତାହା ନିଶ୍ଚେ ଭୋଗିବ ବା ଭୋଗିବାକୁ ପଡିବ। ମନୁଷ୍ୟ ତା' ଜୀବନରେ କରୁଥିବା ସବୁ କର୍ମର ଫଳ ଯେ ତାକୁ ସେଇ ଜନ୍ମରେ ମିଳିଯିବ, ସେ କଥା ନୁହେଁ। କିଛି ଏ ଜନ୍ମରେ ଭୋଗିବ କିଛି ରହିଯିବ ଆସନ୍ତା ଜନ୍ମକୁ। ଏ ଜନ୍ମରେ ଯାବତୀୟ କୁକର୍ଯ୍ୟ କରି ଯିଏ ସୁଖରେ ରହୁଛି, ଭାବି ନିଅନ୍ତୁ ଯେ ଲୋକଟି ପୂର୍ବ ଜନ୍ମରେ କରିଥିବା ପୁଣ୍ୟ ବଳରେ ବଳିୟାନ ହୋଇ ସୁଖଭୋଗ କରୁଛି। ଏ ଜନ୍ମର ପାପ ଫଳ ଆର ଜନ୍ମକୁ ସାଇତା ହୋଇ ରହୁଛି। ଭଲ କାର୍ଯ୍ୟ କରି ଯିଏ ଏ ଜନ୍ମରେ ଦୁଃଖ ପାଉଛି ଜାଣିରଖନ୍ତୁ ଯେ ପୂର୍ବ ଜନ୍ମରେ ସେ କରିଥିବା ପାପ କର୍ମର ଫଳ ଏ ଜନ୍ମରେ ଭୋଗ କରୁଛି। ଯଦି ପାପ କର୍ମର ଫଳ ଶେଷ ହୋଇଯିବା ପରେ ଜୀବନ ଆଉ ବଞ୍ଚି ରୁହେ ତେବେ ସେ ନିଶ୍ଚେ ପୁଣ୍ୟର ଫଳ ଭୋଗ କରିବ।

ସବୁବେଳେ ଯେ ଏ ଜନ୍ମରେ କରାଯାଉଥିବା ପାପ କର୍ମର ଫଳ ଆର ଜନ୍ମକୁ ସାଇତା ହୋଇ ରୁହେ, ତା' ନୁହେଁ, ସମୟ ସମୟରେ ଏ ଜନ୍ମରେ ମଧ୍ୟ ଭୋଗ ହୋଇଯାଏ। ଏପରି କରି ବିଧାତା ସଂସାରର ମୂଢ଼ ଲୋକମାନଙ୍କୁ ଦେଖାଇ ଦିଅନ୍ତି ଯେ କର୍ମର ଫଳ ନିଶ୍ଚିତ ଭାବେ ଅଛି। ତା'ର ଫଳକୁ ଏ ଜନ୍ମରେ ବି ଭୋଗା ଯାଇପାରେ। ମହାଭାରତ ମହାପୁରାଣ ହେଉଛି ଏହାର ଏକ ପ୍ରାମାଣିକ ଉପସ୍ଥାପନା।

ଆଗ ମହାମାନୀ ଦୁର୍ଯ୍ୟୋଧନଠୁଁ ଆରମ୍ଭ କରାଯାଇପାରେ। ଭାରିସଭା ତଳେ ଗୋଟିଏ ଅବଳା ଆଉ ଅସହାୟା ନାରୀକୁ ନିଜ ଜଙ୍ଘରେ ହାତ ମାରି ବସିବାକୁ କହିଲା। କ'ଣ ହେଲା ଏହାର ପରିଣତି ? ଶେଷରେ ସେଇ ଜନ୍ମରେ ସେଇ ଜଙ୍ଘରେ ଗଦା ପ୍ରହାର ହେଲା। ଶେଷରେ ତା' ପ୍ରାଣ ଗଲା।

ଦୁର୍ଯ୍ୟୋଧନର ସାନ ଭାଇ ଦୁଃଶାସନ। ରତୁଶ୍ରବା ନାରୀ ଦ୍ରୌପଦୀର ଚୁଟିକୁ ଡାହାଣ ହାତରେ ଧରି ଅନ୍ତଃପୁରରୁ ତାଙ୍କୁ ଘୋଷାରି ଘୋଷାରି ଆଣିଲା ସଭାସ୍ଥଳକୁ। ସର୍ବସମ୍ମୁଖରେ ତାଙ୍କୁ ସ୍ତ୍ରୀ କରିବା ପାଇଁ ଚେଷ୍ଟା କଲା। ଏ କୁକର୍ମର ଫଳ ତାକୁ ସେଇ ଜନ୍ମରେ ହିଁ ଭୋଗିବାକୁ ପଡିଲା। ଚୁଟି ଓ ବସ୍ତ୍ର ଭିଡ଼ିବା ପାଇଁ ଯେଉଁ ଡାହାଣ ହାତକୁ ସେ ବ୍ୟବହାର କରିଥିଲା ସେଇ ଡାହାଣ ହାତକୁ ଯୁଦ୍ଧ କ୍ଷେତ୍ରରେ ଭୀମ ଓପାଡ଼ି ଦେଇଥିଲା। ପାପ କର୍ମର ଫଳ ସେଇ ଗୋଟିଏ ଜନ୍ମରେ ମିଳିଲା ନା ନାହିଁ ? ଦ୍ୱାପର ଯୁଗରେ ଦୁଇଜଣ ନାରୀଙ୍କ ଚୁଟିକୁ ଧରି ଭିଡ଼ାଯାଇଥିଲା। ଜଣେ ଦ୍ରୌପଦୀ ଆଉ ଜଣେ ଦେବକୀ। ଶୂନ୍ୟବାଣୀ ପରେ ପରେ ଭଉଣୀ ଦେବକୀର ଚୁଟିକୁ



ଧରି ଭାଇ କଂସ ତାଙ୍କୁ ବନ୍ଦୀଶାଳାରେ ପୁରାଇ ଦେଲା। ନାରୀମାନଙ୍କର ଚୁଟି ପୁରୁଷ ଧରିବା ଉଚିତ ନୁହେଁ। ମହାପାପ। ପ୍ରଭୁ ଶ୍ରୀକୃଷ୍ଣ ଏ ଦୁହିଁଙ୍କୁ ସମୂଳେ ନାଶ କରି ପୃଥିବୀବାସୀଙ୍କୁ ଏ ଜନ୍ମର କର୍ମଫଳ ଏଇ ଜନ୍ମରେ ମିଳିପାରେ ବୋଲି ଜଣାଇଦେବା ସହ ନାରୀଙ୍କୁ ଅପମାନ କରୁଥିବା ବ୍ୟକ୍ତି ସେ ଯେତେ ଶକ୍ତିଶାଳୀ କିମ୍ବା କ୍ଷମାତାଶାଳୀ ହେଉ ନା କାହିଁକି, ତା'ର ବିନାଶ ସୁନିଶ୍ଚିତ ବୋଲି ବାର୍ତ୍ତା ଦେଇ ଦେଇଗଲେ।

ଦୁର୍ଯ୍ୟୋଧନ, ଦୁଃଶାସନ ପରେ ପାଳି ପଡ଼ିବ କର୍ଣ୍ଣଙ୍କର। ସେଇ ଭାରି ସଭାରେ ଦ୍ରୌପଦୀଙ୍କୁ ସ୍ତ୍ରୀ କରାଯାଉଥିବା ବେଳେ ଗୋଟିଏ ଅସହାୟା ନାରୀର ଅପମାନକୁ ସେ ସମର୍ଥନ ଦେଇଥିଲେ। ଫଳ ସ୍ୱରୂପ ସେଇ ଜନ୍ମରେ ଯୁଦ୍ଧ କ୍ଷେତ୍ରରେ ତାଙ୍କୁ ଏକ ଅସହାୟ ପରିସ୍ଥିତି ରେ ପଡ଼ିଥିବା ବେଳେ ଅର୍ଜୁନଙ୍କ ଦ୍ୱାରା ସେ ବଧ ହୋଇଥିଲେ।

ଶ୍ରୀକୃଷ୍ଣଙ୍କ ଜ୍ୟୋଷ୍ଠ ଭ୍ରାତା ବଳରାମଙ୍କୁ ମଧ୍ୟ ନିଜ କୁକର୍ମର ଫଳକୁ ସେଇ ଜନ୍ମରେ ଭୋଗ କରିବାକୁ ପଡିଥିଲା। କେହି କେହି ଭାବି ପାରନ୍ତି ଭଗବାନଙ୍କ ଭାଇ ବଳରାମ କ'ଣ କୁକର୍ମ କରି ପାରନ୍ତି ? ହଁ, ସେ କୁକର୍ମ କରିଥିଲେ ଦୁଷ୍ଟ ଦୁର୍ଯ୍ୟୋଧନକୁ ଗଦା ଯୁଦ୍ଧର କୌଶଳ ଶିକ୍ଷା ଦେଇ। ମାଓବାଦୀ କିମ୍ବା ସନ୍ତ୍ରାସବାଦୀଙ୍କୁ ଯଦି କିଏ ଧନ ଦାନ କରେ କିମ୍ବା ତାଙ୍କୁ ଆଶ୍ରୟ ପ୍ରଦାନ କରେ ତେବେ ସେ ବି ସନ୍ତ୍ରାସବାଦୀଙ୍କ ତାଲିକାରେ ରହିବ। ବଳରାମ ଦୁର୍ଯ୍ୟୋଧନକୁ କେବଳ ଗଦା ଶିକ୍ଷା ଦେଇ ନ ଥିଲେ, ତାକୁ ପୃଥିବୀର ସର୍ବଶ୍ରେଷ୍ଠ ଗଦାଧାରୀରେ ପରିଣତ କରିବାର ସ୍ୱପ୍ନ ଦେଖିଥିଲେ ଏବଂ ତାକୁ ଭୀମର ସମକକ୍ଷ କରି ଗଢ଼ିଥିଲେ। ଦୁର୍ଯ୍ୟୋଧନ ଆହୁରି ଅହଙ୍କାରୀ ହୋଇଗଲା। ଫଳ ହେଲା କ'ଣ ? ଯୋଉଦିନ ଦୁର୍ଯ୍ୟୋଧନର ନିଧନ ଘଟିଲା ସେଦିନ ସମ୍ମୁଖରେ ସ୍ୱୟଂ ନିଜେ ବଳରାମ ଥିଲେ ବି ନିଜ ଶିଷ୍ୟ ଦୁର୍ଯ୍ୟୋଧନକୁ ମୃତ୍ୟ ମୁଖରୁ ବଞ୍ଚାଇ ପାରି ନ ଥିଲେ। ଏହା ହିଁ ହେଉଛି କର୍ମ ଫଳର ଶକ୍ତି। ଗୁରୁ ହୋଇ ନିଜ ଶିଷ୍ୟ କୁ ବଞ୍ଚାଇ ନ ପାରିବାର ଆତ୍ମଗ୍ଲାନି ଠାରୁ ବଡ଼ ଦଣ୍ଡ ଆଉ କ'ଣ ଥାଇପାରେ ସଂସାରରେ ?

ଏମିତି ଆତ୍ମଗ୍ଲାନିର ଦଣ୍ଡରେ ଦଣ୍ଡିତ ହୋଇ ଆଜୀବନ ସନ୍ତୁଳିତ ହେଉଥିଲେ ଗାଣ୍ଡିବଧାରୀ ଅର୍ଜୁନ। ଏହା ତାଙ୍କ ମନ୍ଦ କର୍ମର ଫଳ। ତାଙ୍କର ମନ୍ଦ କର୍ମ କ'ଣ ଥିଲା ? ଦ୍ରୌପଦୀ ତାଙ୍କୁ ବରଣ ମାଳା ପିନ୍ଧାଇ ବିଭା ହୋଇଥିଲେ। ସ୍ତ୍ରୀ ବିବସ୍ତ୍ର ହେବା ସମୟରେ ଅସଲ ସ୍ୱାମୀ ହିସାବରେ ଦ୍ରୌପଦୀଙ୍କୁ ରକ୍ଷା କରିବା କ'ଣ ତାଙ୍କ ଧର୍ମ ନ ଥିଲା ? କିନ୍ତୁ ନା, ସେତେବେଳେ ସେ ନିରବରେ ତଳକୁ ମୁହଁ ପୋତି ବସି ଅପମାନ ପ୍ରତି ଆଖି ବୁଜିଦେଇଥିଲେ। ଶେଷରେ ଯେଉଁ ମହାଭାରତ ଯୁଦ୍ଧ ହେଲା ସେ ନିଜ ହାତରେ ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି କେତେ କେତେ ଆତ୍ମୀୟ ଆଉ କୁଟୁମ୍ବମାନଙ୍କୁ ମାରିବାକୁ ବାଧ୍ୟ ହେଲେ। ଏଣେ ଆଖିରେ ଅଶ୍ରୁଧାରା, ତେଣେ ଧନୁରୁ ତୀର ବର୍ଷା। ନିଜ ଆତ୍ମୀୟସ୍ୱଜନମାନଙ୍କୁ ନିଜ ହାତରେ ମାରିବାର ଗ୍ଲାନି ଅର୍ଜୁନଙ୍କୁ ଜୀବନସାରା ସନ୍ତାପିତ କରୁଥିଲା। ଏହାଠାରୁ ବଡ଼ ଦଣ୍ଡ ଆଉ କ'ଣ ଅଛି ସଂସାରରେ ?

ମିଥ୍ୟା ଠାରୁ ବଳି ମହାପାପ ଆଉ ଜୀବନରେ କିଛି ନାହିଁ। ସତ୍ୟଦ୍ରଷ୍ଟା ପରମ ଧାର୍ମିକ ଯୁଧିଷ୍ଠିରଙ୍କୁ ମଧ୍ୟ ନିଜ ଜୀବଦଶାରେ ନିଜ କୁକର୍ମର ଫଳ ଭୋଗିବାକୁ ପଡ଼ିଥିଲା। ସାରା ଜୀବନ ସତ୍ୟରେ ଜୀବନ ନିର୍ବାହ କରୁଥିବା ଯୁଧିଷ୍ଠିର ଶେଷରେ 'ନରେ ବା ଗୁଂଜରେ ଅଶ୍ୱତଥମା ହତ' କହି ଅର୍ଜୁନ କରିଥିବା ମିଛ ରୂପକ ପାପର ପେଡିଟି ଜୀବନ ସାରା ଅର୍ଜି ଥିବା ପୁଣ୍ୟର ପେଡ଼ି ଉପରେ ଭାରି ପଡ଼ିଥିଲା, ଯାହାର ମାନସିକ ଯନ୍ତ୍ରଣାରୁ ସେ ଜୀବନସାରା ମୁକୁଳି ପାରି ନ ଥିଲେ। ଏହା ବି ଦଣ୍ଡ।

ଅନୁରୂପ ଭାବରେ ଧୃତରାଷ୍ଟ୍ର, ଭୀଷ୍ମ, ଗାନ୍ଧାରୀ ଆଦି ଚରିତ୍ରମାନେ ନିଜ ଜୀବଦଶାରେ ନିଜ କର୍ମଫଳକୁ ଭୋଗ କରିଛନ୍ତି। ଏଥିରୁ ଅନୁମିତ ଯେ, କର୍ମର ଫଳ ନିଶ୍ଚିତ ଭୋଗିବ। ଏ ଜନ୍ମରେ କରିଥିବା ପାପ କର୍ମର ଫଳ ଯେ ସବୁବେଳେ ସେଇ ଜନ୍ମରେ ଭୋଗ ହୋଇଯାଏ ତା ନୁହେଁ, ସବୁ ବା କିଛି ପର କିମ୍ବା ଆଗାମୀ ଜନ୍ମକୁ ସାଇତା ହୋଇ ରହେ। ପାପ ବା ପୁଣ୍ୟ କର୍ମର ଫଳ ଏ ଜନ୍ମ ବା ଆଗାମୀ ଜନ୍ମରେ କେତେ ଅଂଶରେ ଭୋଗ ହେବ, ତାହା ବିଧି ନିର୍ଦ୍ଦେଶିତ। ଏଥିରେ କ୍ଷୁଦ୍ର ଜୀବ ମଣିଷର କିଛି ହାତ ନାହିଁ। ମଣିଷର ହାତ ଅଛି କେବଳ ଭଲ କାର୍ଯ୍ୟ କରିବାରେ। କର୍ମର ଫଳ ଭୋଗିବାର ସମୟକୁ ନିର୍ଦ୍ଧାରଣ କରିବା ଦାୟିତ୍ୱ ପରମାତ୍ମାଙ୍କର। ମଣିଷ ଭଲ କାମ କରି ସମାଜ ମଙ୍ଗଳରେ ବ୍ରତୀ ହେଉ– ଏତିକି କାମନା କରାଯାଇପାରେ।

*– ପ୍ରିନସିପାଲ, ଆପେକ୍ସ ଆଇ ଟି ଆଇ, ପତ୍ରକଣା, କସର୍ଦା, କଟକ*
*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ମୃଗତୃଷ୍ଣା

**ଲେଖିକା: ସୁସ୍ମିତା ରଥ, ପ୍ରକାଶକ– ବିଦ୍ୟାପୁରୀ ବାଲୁବଜାର, କଟକ–୨, ମୂଲ୍ୟ– ୧୦୦ଟଙ୍କା**


'ମୃଗତୃଷ୍ଣା'ରେ ରହିଛି ୧୪ଟି ଗପ। ପ୍ରଥମ ଗପକୁ ନେଇ ପୁସ୍ତକର ନାମକରଣ କରାଯାଇଛି। ଏଥିରେ ମାନସ ଆଉ ଝରଣା ଚରିତ୍ରକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ମାନସ ବଙ୍ଗାଳୀ ପିଲା ଝରଣା ଭୁବନେଶ୍ୱର ଝିଅ। ମାନସର ଚିତ୍ରା ସହିତ ସାମାନ୍ୟ ସମ୍ପର୍କ ଗଢି ଉଠୁ ଉଠୁ ଭାଙ୍ଗି ଯାଇଥିଲା। ଫଳରେ ମାନସ ଝରଣା ଭିତିରେ ସ୍ୱତନ୍ତ୍ର ଜାଗା ଖୋଜୁଥିଲା। ପାଠପଢାର ଅନେକ ବର୍ଷ ପରେ ଥରେ ଝରଣା ସହ ତା'ର ଦେଖାହୁଏ। ଝରଣା ବିବାହିତା କି ନୁହେଁ ସେ ଜାଣି ନ ଥାଏ। ପରେ ସେ ଝରଣାକୁ ଠିକଣା ପଚାରି ତା' ଘରକୁ ଯାଏ। ଝରଣା ସେଠି କୁହେ ଜାଣେ ମାନସ ତମେ କ'ଣ ଆଶା କର। ହେଲେ ପୃଥିବୀରେ ନାରୀ ଓ ପୁରୁଷର ବନ୍ଧୁତା ଏତେ ସହଜରେ ବଞ୍ଚି ରହେନି। ଗପଟି ଛୋଟ ହେଲେ ମଧ୍ୟ ସୁଖପାଠ୍ୟ। ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା।




### ଈଶ୍ୱର ଅନୈଶ୍ୱର

**ଡାକ୍ତର ଶ୍ରୀପ୍ରସାଦ ମହାନ୍ତି, ପ୍ରକାଶକ– ସ୍ୱାବଲମ୍ବନ ପବ୍ଲିସର୍ଶ ବାଲିଆ, ବାଲେଶ୍ୱର, ମୂଲ୍ୟ– ୧୦୦ଟଙ୍କା**

'ଈଶ୍ୱର ଅନୈଶ୍ୱର' ଡାକ୍ତର ଶ୍ରୀପ୍ରସାଦ ମହାନ୍ତିଙ୍କ କବିତା ସଂକଳନ। ଏଥିରେ ୫୪ଟି କବିତା ସ୍ଥାନିତ ହୋଇଛି। ଡାକ୍ତର ମହାନ୍ତି ଈଶ୍ୱରଙ୍କ ଉପସ୍ଥିତିକୁ ନେଇ ଅନେକ କବିତା ରଚନା କରିଛନ୍ତି। ଏଥିରୁ ଗୋଟିଏ କବିତା ନେଲେ ଜଣାପଡିବ କବି କେତେ ଆଶାବାଦୀ ତୁ ଭୋଗ ଡାଲା ଧରି ଯିବାବେଳେ/ଯେଉଁ କୁଷ୍ଠରୋଗୀର ଡାକ ଶୁଣି ବିରକ୍ତ ହେଉ, ଆଡେଇଯାଉ/ ମାପିଛୁ କେବେ ସେ ଡାକର ଆବେଗକୁ ? ଏତେ ଆବେଗ ଛୁଇଁପାରୁନି ଯେଉଁ ହୃଦୟ ତୋର/ ସେଇ ହୃଦୟର ଆବେଗ ଏମିତି କେତେଯେ/ ଆଶାକରୁଛୁ ଛୁଇଁବ ବୋଲି ଈଶ୍ୱରଙ୍କ ଅନ୍ତର ?। (ଈଶ୍ୱରଙ୍କ ପ୍ରଶ୍ନ– ପୃଷ୍ଠା ୧୩)। କବି ଈଶ୍ୱରଙ୍କୁ ନେଇ ଯେଉଁ କବିତା ରଚନା କରିଛନ୍ତି ତାହା ପାଠକଙ୍କ ହୃଦୟ ଜିଣିବାରେ ନିଶ୍ଚୟ ସକ୍ଷମ ହେବ।



### ଭାଷାବିଜ୍ଞାନ ଓ ଓଡ଼ିଆ ବ୍ୟାକରଣ

**ଡକ୍ଟର ବିଜୟଲକ୍ଷ୍ମୀ ମହାନ୍ତି, ପ୍ରକାଶକ–ଜ୍ଞାନଯୁଗ ପବ୍ଲିକେଶନ୍ ଭୁବନେଶ୍ୱର–୧୫, ମୂଲ୍ୟ–୪୦୫ଟଙ୍କା**

'ଭାଷାବିଜ୍ଞାନ ଓ ଓଡ଼ିଆ ବ୍ୟାକରଣ' ପୁସ୍ତକରେ ୬ଟି ପରିଚ୍ଛେଦ ରହିଛି। ପରିଚ୍ଛେଦ ୧ରେ ଭାଷା ଓ ଭାଷାତତ୍ତ୍ୱ, ପରିଚ୍ଛେଦ ୨ରେ ବ୍ୟାକରଣ ରଚନାର ପୃଷ୍ଠଭୂମି, ପ୍ରାଚ୍ୟ ରୀତି, ପ୍ରାଶ୍ଚାତ୍ୟ ରୀତି, ଆଧୁନିକ ଭାଷା ବିଜ୍ଞାନର ରୂପରେଖ ରହିଛି। ପରିଚ୍ଛେଦ ୩ରେ ମିଶନାରୀ ବ୍ୟାକରଣ ପ୍ରଣେତା, ଆମସ୍ ସଟନ, ଡବ୍ଲୁ.ସି. ଲେସି, ଗ୍ରୀୟରସନ୍ ଓ ଜନ୍ ବୀମସ୍। ପରିଚ୍ଛେଦ ୪ରେ ଓଡ଼ିଆ ବ୍ୟାକାରଣକାର ପ୍ରଥମ ପର୍ଯ୍ୟାୟ, ଦ୍ୱିତୀୟ ପର୍ଯ୍ୟାୟ, ପରିଚ୍ଛେଦ ୫ରେ ଓଡ଼ିଆ ଭାଷା ଆଲୋଚକ, ପ୍ରଥମ ପର୍ଯ୍ୟାୟ, ଦ୍ୱିତୀୟ ପର୍ଯ୍ୟାୟ ଓ ତୃତୀୟ ପର୍ଯ୍ୟାୟ। ପରିଚ୍ଛେଦ ୬ରେ ବର୍ଣ୍ଣନାତ୍ମକ ଓଡ଼ିଆ ବ୍ୟାକରଣ ଆଦି ରହିଛି। ପୁସ୍ତକଟି ଭାଷା ପ୍ରେମୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଦୃତି ଲାଭ କରିବ ବୋଲି ଆଶା।



# ରଣପା'ରେ ଚାଲନ୍ତି ଏହି ଜନଜାତି

ପୃଥିବୀରେ ଏମିତି ଅନେକ ଜନଜାତି ଅଛନ୍ତି ଯେଉଁମାନେ ନିଜ ରୀତିନୀତି, ବିଶ୍ୱାସକୁ ଆଜି ବି ମାନିଛନ୍ତି। ସେମିତି ଏକ ଜନଜାତି ଆଫ୍ରିକାରେ ରୁହନ୍ତି। ଏହି ଜନଜାତିର ସ୍ୱାତନ୍ତ୍ର୍ୟ ହେଉଛି ଯେ ଏମାନେ ରଣପା' ସାହାଯ୍ୟରେ ଚାଲନ୍ତି। ଟେଲ୍ସ ଆଫ୍ରିକା ୱେବସାଇଟ୍‌ର ରିପୋର୍ଟ ମୁତାବକ ଇଥିଓପିଆରେ ବନ୍ନା ନାମକ ଏକ ଆଦିବସୀ ଜନଜାତି ରୁହନ୍ତି। ଏମାନେ ବନ୍ନା, ବାନ୍ୟା ଅବା ବେନ୍ନା ନାମରେ ବି ପରିଚିତ। ଏମାନଙ୍କର ମୁଖ୍ୟ କାମ ଚାଷ କରିବା,



ଶିକାର କରିବା ଓ ଗୃହପାଳିତ ପ୍ରାଣୀ ଚରାଇବା। ଏମାନେ ବାଉଁଶର ରଣପା' ସାହାଯ୍ୟରେ ଚାଲିବା ପାଇଁ ବେଶି ପରିଚିତ। ଶହ ଶହ ବର୍ଷ ଧରି ଏହିଭଳି ଚାଲି ଆସୁଛନ୍ତି। ଖାସ୍‌କରି ଏମାନେ ରଣପା'ରେ ସେତେବେଳେ ଚାଲନ୍ତି ଯେବେ ସେମାନେ ଗାଈ, ଛେଳି ଓ ମେଣ୍ଢା ଚରାଇବାକୁ ନିଅନ୍ତି। କାରଣ ଅନେକ ସମୟରେ ଗାଈ, ଛେଳିଙ୍କ ଉପରେ ଶିକାରୀ ବନ୍ୟ ଜୀବଜନ୍ତୁ ଆକ୍ରମଣ କରି ଦିଅନ୍ତି। ସେମାନଙ୍କଠାରୁ ନିଜକୁ ରକ୍ଷା କରିବା ଲାଗି ଏମାନେ ଏଭଳି ଚାଲନ୍ତି। ଏହାବାଦ୍ ଯେବେ କୌଣସି ଉତ୍ସବ ପାଳନ କରାଯାଏ ସେତେବେଳେ ଅବିବାହିତ ଯୁବକ ଶରୀରରେ ଧଳାରଙ୍ଗର ଗାର ପକାଇ ବାଉଁଶର ରଣପା'ରେ ଚାଲନ୍ତି। ଯୁବକମାନେ ଏହା ସାହାଯ୍ୟରେ ଚାଲି ବଡ଼ମାନଙ୍କୁ ଦେଖାଇଥାନ୍ତି ଯେ, ସେମାନେ ବୁଝାଶୁଝା ଓ ପ୍ରାପ୍ତବୟସ୍କ ହୋଇଗଲେଣି। ଶାରୀରିକ ଓ ମାନସିକଭାବେ ବି ମଜଭୁତ ହୋଇଗଲେଣି।



ବ୍ୟାକ୍ ପେଜ୍

# ପୋଷା ପଥର



ଦିନ ଥିଲା ସମସ୍ତଙ୍କର ଯୌଥ ପରିବାର ଥିଲା । ଘର କୋଳାହଳରେ ଭରି ରହୁଥିଲା। ସୁଖଦୁଃଖ ବାଣ୍ଟିବାକୁ ମଣିଷ ଥିଲେ ଅନେକ। ହେଲେ ଆଜିର ଆଧୁନିକ ଯୁଗରେ ସ୍ୱାଧୀନଭାବେ ଚଳିବାର ଇଚ୍ଛା ନେଇ ଏକକ ପରିବାରକୁ ଦିଆଯାଉଛି ଗୁରୁତ୍ୱ। ଫଳରେ ଏଇ ଛୋଟିଆ ପରିବାର ଯୋଗୁ ମଣିଷ ଆଜି ଏକୁଟିଆ ହୋଇଯାଇଛି। ଦିନକୁ ଦିନ ଏକଲାପଣ ସମସ୍ତଙ୍କୁ ଘାରୁଛି। ଅବସାଦର ଶିକାର ହେଉଛି। ହେଲେ ମନ କଥା ବାଣ୍ଟିବାକୁ ଘରେ କେହି ନାହିଁ। ତେଣୁ ମାନସିକ ଶାନ୍ତି ପାଇବା ଲାଗି ଅନେକେ ଘରେ ଜୀବଜନ୍ତୁ ପାଳୁଛନ୍ତି। ତେବେ ଜାଣନ୍ତି କି ଏବେ ଲୋକେ ପଥରକୁ ବି ପେଟ୍ ଭାବେ ରଖିବାକୁ ଲାଗିଲେଣି। ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ। ଦକ୍ଷିଣ କୋରିଆରେ ଏହି ଟ୍ରେଣ୍ଡ ବଢ଼ିବାକୁ ଲାଗିଛି। ଦକ୍ଷିଣ କୋରିଆର ଲୋକ ଆଜିକାଲି ଏତେ ଏକୁଟିଆପଣର ଶିକାର ହେଉଛନ୍ତି ଯେ, ଶେଷରେ ମାନସିକ ଶାନ୍ତି ପାଇଁ ପଥରକୁ ପେଟ୍ ଭାବେ ରଖୁଛନ୍ତି। ପଥର ପାଇଁ ଶେଯ ସଜାଉଛନ୍ତି। ପଥରକୁ ପୋଷାକ ପିନ୍ଧାଉଛନ୍ତି, ଜୀବିତ ପ୍ରାଣୀ ଭଳି ତାକୁ ଖୁଆଉଛନ୍ତି, ଭିନ୍ନ ଭିନ୍ନ ଲୁକ୍‌ରେ ସଜାଉଛନ୍ତି। ଏଠାକାର ଲୋକଙ୍କ କହିବା କଥା ହେଲା ପଥର ଡିମାଣ୍ଡିଂ ନୁହନ୍ତି। ଏହାକୁ ସେମାନେ ମନ ମୁତାବକ ସଜାଇ ପାରୁଛନ୍ତି, ବୁଲେଇ ନେଇ ପାରୁଛନ୍ତି। ତେଣୁ ପଥର ପେଟ୍ ସବୁ ଦିଗରୁ ଭଲ। ଏହାକୁ ନଜରରେ ରଖି ଆଜିକାଲି କିଛି ସୁନ୍ଦର ସୁନ୍ଦର ପଥର ବିକ୍ରି ହେଉଛି। ଆଉ ସେଗୁଡିକର ଦାମ ବି ବହୁତ ଅଧିକ। ଗୋଟେ ପଥରର ଦାମ ୬୦୦ ଟଙ୍କାରୁ ୧୦୦୦ ଟଙ୍କା ରହୁଛି।





# ସବୁଠୁ ଦାମୀ କେକ୍

ଜନ୍ମଦିନର ମୁଖ୍ୟ ଆକର୍ଷଣ ହେଉଛି କେକ୍। ତେଣୁ ସମସ୍ତେ ଭଲ ସ୍ୱାଦ ଓ ସୁନ୍ଦର ଦେଖାଯାଉଥିବା କେକ୍ ଆଣିଥାନ୍ତି। ଯେଉଁମାନେ ଧନୀକ ଶ୍ରେଣୀର ସେମାନେ ତ ବଡ଼ ଓ ଅଧିକ ଦାମ୍‌ର କେକ୍ ପସନ୍ଦ କରନ୍ତି। ଏଇ ଯେମିତି ୟୁଏଇର ଜଣେ ବ୍ୟକ୍ତି ନିଜ ଝିଅର ଜନ୍ମଦିନ ପାଇଁ ଏକ ଖାସ୍ କେକ୍ ଡିଜାଇନ୍ କରିବାକୁ ଚାହୁଁଥିଲେ। ତେଣୁ ସେ କେକ୍ ଡିଜାଇନର୍ ଡେବି ୱିଙ୍ଗହାମ୍‌ଙ୍କୁ ଫୋନ୍ କଲେ। ଝିଅକୁ ପସନ୍ଦ ଆସିବା ଭଳି କିଛି ସ୍ୱତନ୍ତ୍ର ଡିଜାଇନ୍‌ର କେକ୍ ତିଆରି କରିବାକୁ କହିଲେ। ଡେବି ତିଆରି କଲେ ଫ୍ୟାଶନ୍ ରନ୍‌ୱେ ପରି ଏକ କେକ୍, ଯାହାର ଲମ୍ବ ଥିଲା ୬ ଫୁଟ୍। ସେହି ରନ୍‌ୱେରେ ଥିଲେ ସୁନ୍ଦର ସୁନ୍ଦର ମଡେଲ୍(ଯାହାକୁ ଖାଇହେବ), ଯେଉଁମାନେ ପିନ୍ଧିଥିଲେ ଫ୍ୟାଶନେବୁଲ ପୋଷାକ ଓ ଆସେସରିଜ୍। କେବଳ ସେତିକି ନୁହେଁ କେକ୍‌କୁ ଆକର୍ଷକ କରିବା ପାଇଁ ସେଥିରେ ସେ ୪୫ ମିଲିୟନ ଡଲାର୍‌ର ମଲ୍ଟିକଲର୍ ଡାଇମଣ୍ଡ ଓ ଜେମ୍‌ଷ୍ଟୋନ୍ ବ୍ୟବହାର କରିଥିଲେ। ଫଳରେ ଉକ୍ତ କେକ୍‌ର ମୂଲ୍ୟ ସେ ୭୫ ମିଲିୟନ ଡଲାର ରଖିଥିଲେ। ୟୁଏଇର ସେହି ବ୍ୟକ୍ତିଜଣକ ଉକ୍ତ କେକ୍ କିଣିଥିଲେ। ପରେ ସେହି କେକ୍ ପୃଥିବୀର ସବୁଠାରୁ ଦାମୀ କେକ୍ ଭାବେ ରେକର୍ଡ କଲା।